
THE AADHAR ODISHA

# ଆଧାର ଓଡ଼ିଶା

RNI Title Code No. ODIODI08073


ଏକ ନିଆରା ସାପ୍ତାହିକୀ



ତୁମକୁ କେହି ଶିଖାଇପାରିବେ ନାହିଁ । କେହି ଆଧ୍ୟାତ୍ମିକ ବନାଇପାରିବେ ନାହିଁ । ତୁମକୁ ସବୁକିଛି ନିଜ ଭିତରୁ ଶିଖିବାକୁ ପଡ଼ିବ । ଆତ୍ମାଠାରୁ ବଡ଼ ଶିକ୍ଷକ କେହି ନାହାଁନ୍ତି ।
– ସ୍ୱାମୀ ବିବେକାନନ୍ଦ

♦ବର୍ଷ–୨ ♦ସଂଖ୍ୟା–୭ ♦ବରଗଡ଼ ♦ ୨୩–୨୯ ଡିସେମ୍ବର ୨୦୨୨ ♦୫ ଟଙ୍କା ♦ପୃଷ୍ଠା–୮ | ♦VOL-2 ♦ISSUE-7♦BARGARH ♦23-29 DECEMBER 2022 ♦RS.5/- ♦PAGE-8

ମେସିଙ୍କ ସ୍ୱପ୍ନ ସାକାର ପୃଷ୍ଠା–୩➔



ଶିକ୍ଷୟିତ୍ରୀରୁ ମିସେସ୍ ୱାର୍ଲ୍ଡ ସର୍ଗମ୍ ପୃଷ୍ଠା–୫➔



ଭଗବାନଙ୍କ ଭରସାରେ ଗୁଣୁପୁର ଚିକିତ୍ସାଳୟ ପୃଷ୍ଠା–୬➔




ବିଶ୍ୱର ବୃହତ୍ତମ ଗଣନାଟକ 'ବରଗଡ଼ ଧନୁଯାତ୍ରା' ପୃଷ୍ଠା–୮➔



# ଓଡ଼ିଶାରେ ଅଧା ଅଯୋଗ୍ୟ ଡାକ୍ତର

## ସବୁ ଡାକ୍ତରଙ୍କ ଶିକ୍ଷାଗତ ଯୋଗ୍ୟତା ଯାଞ୍ଚ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର: ପ୍ରଥମେ ଔଷଧ ନକଲି । ଏବେ ଓଡିଶାରେ ଡାକ୍ତର ନକଲି । ସାମ୍ନାକୁ ଆସିଛି ଏଭଳି କିଛି ସାଂଘାତିକ ତଥ୍ୟ । ଯାହା ଆପଣଙ୍କୁ କେବଳ ବିଚଳିତ ନୁହେଁ, ଆପଣଙ୍କୁ ଦୋହଲାଇ ଦେବ । ଆପଣ ଚିକିତ୍ସା କରାଉଥିବା ଡାକ୍ତର ଜଣଙ୍କ ଅସଲି ନା ନକଲି, ତାହା ଏବେ ଚିନ୍ତା ବଢାଇବ ଆପଣଙ୍କ ପାଇଁ । କାରଣ ରାଜ୍ୟରେ ଏବେ ଉପଯୁକ୍ତ ଡିଗ୍ରୀ ବା ଶିକ୍ଷାଗତ ଯୋଗ୍ୟତା ନ ଥିବା ବ୍ୟକ୍ତି ଡାକ୍ତର ଭାବେ ରୋଗୀ ଚିକିତ୍ସା କରୁଛନ୍ତି । ରାଜ୍ୟରେ ମାତ୍ର ୫୧ ପ୍ରତିଶତ ଡାକ୍ତରଙ୍କର ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ରହିଛି । ବିଶ୍ୱବ୍ୟାଙ୍କ ପକ୍ଷରୁ ଦେଶବ୍ୟାପୀ କରାଯାଇଥିବା ସର୍ଭେରୁ ଆସିଛି ଏହି ଭଳି ସାଂଘାତିକ ତଥ୍ୟ । ନକଲି ଡାକ୍ତର ସମ୍ପର୍କିତ ଏକ ମାମଲାର ଶୁଣାଣି ବେଳେ ହାଇକୋର୍ଟରେ ଏହି ତଥ୍ୟ ଉପସ୍ଥାପନ କରାଯାଇଛି । ଏହା ଜାଣିବା ପରେ ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏହା ସହିତ ରାଜ୍ୟର ସମସ୍ତ ଡାକ୍ତରଙ୍କ ଶିକ୍ଷାଗତ ଯୋଗ୍ୟତା ଯାଞ୍ଚ କରିବାକୁ ଖଣ୍ଡପୀଠ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଡାକ୍ତରଙ୍କ ଶିକ୍ଷାଗତ ଯୋଗ୍ୟତା ଯାଞ୍ଚ ପାଇଁ କଣ ବ୍ୟବସ୍ଥା ବା ନିୟମ କରାଯିବ ? କେତେ ଦିନ ଭିତରେ ଏହି ପ୍ରକ୍ରିୟା ଶେଷ ହେବ ? ଉପଯୁକ୍ତ ଡିଗ୍ରୀ/ଯୋଗ୍ୟତା ନଥାଇ ଡାକ୍ତର ଭାବେ କାର୍ଯ୍ୟ କରୁଥିବା ବା ନିଯୁକ୍ତି ହାସଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ? ସେ ନେଇ ପରବର୍ତ୍ତୀ ଶୁଣାଣି ସମୟରେ ସତ୍ୟପାଠ ଦାଖଲ ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜାନୁଆରୀ ୨୭ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ।



ବୁଧବାର ଦିନ ମାମଲାର ଶୁଣାଣି ସମୟରେ ସ୍ୱାସ୍ଥ୍ୟ ବିଭାଗ ୨୦୨୨ ଅକ୍ଟୋବର ୧୮ରେ ଦାଖଲ କରିଥିବା ସତ୍ୟପାଠରୁ ସ୍ପଷ୍ଟ ହୋଇଥିଲା ଯେ ଜଣେ ବ୍ୟକ୍ତିଙ୍କ ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ନଥିବା ବେଳେ ତାଙ୍କୁ ଡାକ୍ତର ଭାବେ ନିଯୁକ୍ତି ଦିଆଯାଇଥିଲା । ତାଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ବେଳେ ଏହା ଏ ପର୍ଯ୍ୟନ୍ତ ସଂପୂର୍ଣ୍ଣ ହୋଇ ପାରିନାହିଁ । ରାଜ୍ୟରେ ବହୁ ଲୋକ ନିଜକୁ ଡାକ୍ତର ପରିଚୟ ଦେଇ ରୋଗୀ ଚିକିତ୍ସା କରୁଥିବା ବେଳେ ସେମାନଙ୍କ ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ନଥିବା ଅଭିଯୋଗ ହେଉଛି । ଏଭଳି ସ୍ଥିତିରେ ମାତ୍ର ଗୋଟିଏ ମାମଲାରେ କାର୍ଯ୍ୟାନୁଷ୍ଠାନ ଯଥେଷ୍ଟ ନୁହେଁ ବୋଲି ହାଇକୋର୍ଟ ଆଜି କହିବା ସହିତ ସବୁ ଡାକ୍ତରଙ୍କ ଯୋଗ୍ୟତା ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ଯେଉଁ ଗୋଟିଏ ମାମଲାରେ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ବିଚାରାଧୀନ ରହିଛି ତାହା ୩ ମାସ ଭିତରେ ଶେଷ କରିବା ପାଇଁ ହାଇକୋର୍ଟ କହିଛନ୍ତି । ଏଥିସହିତ ଏହି ମାମଲାରେ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ସମ୍ପର୍କିତ ଆକ୍ସନ ଟେକେନ୍ ରିପୋର୍ଟ ଦାଖଲ ପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କେତେକ ଡାକ୍ତରଙ୍କ ବିଶେଷଜ୍ଞ ଭାବେ କାର୍ଯ୍ୟ କରିବାକୁ ଆବଶ୍ୟକ ଡିଗ୍ରି ନଥିବା ବେଳେ ସେମାନେ ନିଜକୁ ବିଭିନ୍ନ ବିଭାଗର ବିଶେଷଜ୍ଞ ଦର୍ଶାଇ ରୋଗୀ ଚିକିତ୍ସା କରୁଥିବା ଶୁଣାଣି ସମୟରେ ଦର୍ଶାଯାଇଥିଲା ।

➔ପୃଷ୍ଠା–୭

# ଦହଗଞ୍ଜି ମହକିଲ: ଅଚଳ ସମ୍ବଲପୁର କୋର୍ଟ



ସମ୍ବଲପୁର: ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବିରେ ଗତ ୧୨ ତାରିଖରେ ସମ୍ବଲପୁର ଓକିଲଙ୍କ ଆନ୍ଦୋଳନ ଓ ବିଚାରପତିଙ୍କ ଚାମ୍ବର ଭଙ୍ଗାରୁଜା ଘଟଣା ପରେ ଏଯାଏଁ ସ୍ୱାଭାବିକ ହୋଇପାରୁନି କୋର୍ଟ କାର୍ଯ୍ୟ । ଗୋଟିଏ ପଟେ ଗଣ୍ଡଗୋଳ ଘଟଣାରେ ଜାମିନ ନପାଇ ଜେଲ ଭିତରେ ଏକାଧିକ ଆଇନଜୀବୀ । ସେହିଭଳି ସମ୍ବଲପୁର ବାର ଆସୋସିଏସନ୍‌ର ୫୪ ଜଣ ସଦସ୍ୟଙ୍କ ଲାଇସେନ୍ସ ରଦ୍ଦ ନିଷ୍ପତ୍ତି ପ୍ରତ୍ୟାହାର କରିନାହାନ୍ତି ବାର କାଉସିଲ୍ ଅଫ ଇଣ୍ଡିଆ । ଏପଟେ ବାରର ଯେଉଁ ଓକିଲଙ୍କ ଉପରୁ କଟକଣା ହଟିଛି, ସେମାନେ ବି କୋର୍ଟ କାର୍ଯ୍ୟରେ ସାମିଲ ହେଉନାହାନ୍ତି । ଫଳରେ ବିଭିନ୍ନ ମାମଲାରେ କୋର୍ଟ ଆସୁଥିବା ମହକିଲଙ୍କୁ ମିଳିପାରୁନି ନ୍ୟାୟିକ ସେବା । ଓକିଲଙ୍କ ଅଭାବ ଓ ଅସହଯୋଗରୁ ବିନା ଆଇନ୍ ପରାମର୍ଶରେ ଦୈନିକ ଫେରିଯିବାକୁ ବାଧ ହେଉଛନ୍ତି ଶହ ଶହ ସାଧାରଣ ଜନତା ।

ସେପଟେ ଭୁବନେଶ୍ୱର, ବାଲେଶ୍ୱର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ବରପାଲିର ବାର ଆସୋସିଏସନର କର୍ମକର୍ତ୍ତା ଜିଲ୍ଲା ଜଜଙ୍କୁ ସାକ୍ଷାତ କରି ସ୍ଥିତି ସମ୍ପର୍କରେ ଆଲୋଚନା କରିବା ସହ ଜେଲରେ ଥିବା ଆଇନଜୀବୀଙ୍କୁ କିଭଳି ଜାମିନ୍ ମିଳିବା ସହ ବିଚାର ପ୍ରକ୍ରିୟା ଚାଲୁ ରହିବ ସେ ସମ୍ପର୍କରେ ଆଲୋଚନା କରିଛନ୍ତି । ପରେ ପୋଲିସ ଆଇଜିଙ୍କୁ ଭେଟି, କୋର୍ଟ ପରିସରରେ କିଭଳି ତୁରନ୍ତ ସ୍ୱାଭାବିକ ଅବସ୍ଥା ଫେରି ଆସିବ ସେନେଇ ବିଚାର ବିମର୍ଷ କରିଛନ୍ତି । ପରେ ସମ୍ବଲପୁର ଜିଲ୍ଲାପାଳ ଓ ସମ୍ବଲପୁର ଜେଲରେ ଥିବା ଆଇନଜୀବୀମାନଙ୍କୁ ମଧ ଭେଟିଛନ୍ତି ୫ଟି ଓକିଲ ସଂଘର କର୍ମକର୍ତ୍ତା । ସେପଟେ ସମ୍ବଲପୁର ଜିଲ୍ଲା ଜଜ୍‌ଙ୍କ ପ୍ରକୋଷ୍ଠରେ ଭଙ୍ଗାରୁଜା ଘଟଣାର କାରଣ ଏବଂ ଏଥିରେ କେଉଁମାନଙ୍କ ସଂପୃକ୍ତି ରହିଛି, ତାହା ଜାଣିବାକୁ ବାର କାଉନସିଲ ଅଫ ଇଣ୍ଡିଆ ପକ୍ଷରୁ ଗଠିତ ୩ ଜଣିଆ ତଥ୍ୟ ଅନୁସନ୍ଧନକାରୀ ଟିମ୍ ସମ୍ବଲପୁର ଆସି ତଦନ୍ତ ଆରମ୍ଭ କରିଛନ୍ତି ।

➔ପୃଷ୍ଠା–୭

## ସମ୍ପାଦକୀୟ

ମୋଦିନୋମିକ୍ସର ଫଣ୍ଡା

## ପୁଣି କୋରୋନା ଆତଙ୍କ !

# ଓଡ଼ିଶାରେ ଚୀନ୍ ଭାଇରସ୍

ଭୁବନେଶ୍ୱର: ପୁଣି ଡରାଇଲାଣି କୋରୋନା । ଚୀନ୍–ଜାପାନ୍–ଆମେରିକାରେ ଆତଙ୍କ ସୃଷ୍ଟି କରିଥିବା କୋରୋନା ଏବେ ଓଡ଼ିଶା ତଥା ଭାରତରେ କାୟା ବିସ୍ତାର କରିବା ଆରମ୍ଭ କଲାଣି । ଖାଲି ସେତିକି ନୁହେଁ ଚୀନ୍‌ରେ କୋଭିଡର ଯେଉଁ ଓମିକ୍ରନ୍ ଭାରିଏଣ୍ଟ ବିଏଫ୍–୭ ଆତଙ୍କ ସୃଷ୍ଟି କରିଛି ବା ଗୋଟିଏ ପରେ ଗୋଟିଏ ଜୀବନ ନେଇ ଚାଲିଛି, ସେହି ଭାଇରସ୍ ଏବେ ଓଡ଼ିଶାରେ । କୋରୋନା ଭୂତାଣୁର ଏହି ଅତି ସଂକ୍ରାମକ ରୂପ ଓଡ଼ିଶା ସମେତ ଦେଶର ୪ ଜଣଙ୍କଠାରେ ଚିହ୍ନଟ ହୋଇସାରିଛି । ଏହାପରେ କୋରୋନା ମହାମାରୀକୁ ନେଇ ପୁଣି ବଢିଛି ଭୟଛ ଦେଶରେ କୋରୋନା ସ୍ଥିତି ନେଇ ସମୀକ୍ଷା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଭିଡିଓ କନ୍‌ଫରେନସିଂରେ ହୋଇଥିବା ଏହି ବୈଠକରେ ଗୃହମନ୍ତ୍ରୀ ଅମିତ ଶାହ, ନୀତି ଆୟୋଗ ସଦସ୍ୟ, ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭିୟ ଏବଂ ସ୍ୱାସ୍ଥ୍ୟ ସଚିବଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ । ବର୍ତ୍ତମାନ ଦେଶରେ କୋରୋନାର ସ୍ଥିତି ଏବଂ ଏହାର ପ୍ରତିକାରକୁ ନେଇ ଆଲୋଚନା ହୋଇଛି । ଏଥିସହ ରାଜ୍ୟ ସରକାର ମଧ ଖୁବ୍‌ଶୀଘ୍ର କୋରୋନା ସ୍ଥିତର ସମୀକ୍ଷା କରିବାକୁ ଯାଉଛନ୍ତ ।

➔ପୃଷ୍ଠା–୭

# ମଶା ଆତଙ୍କରେ ତ୍ରାହି ତ୍ରାହି

ଭୁବନେଶ୍ୱର: ଦୈତନଗରୀ ମଶା ଆତଙ୍କ । କିଛି ଦିନ ହେବ କଟକ ଓ ଭୁବନେଶ୍ୱରରେ ମଶା ଏତେ ବଢିଯାଇଛନ୍ତି ଯେ ରାତି ତ ରାତି ଦିନରେ ବି ସେମାନଙ୍କ ଦାଉରୁ ବର୍ତ୍ତିବା ମୁସ୍କିଲ । ଫଳରେ ଅତିଷ୍ଟ ହୋଇପଡିଲେଣି ସହରବାସୀ । ଘରେ, ବାହାରେ ସବୁଠି ମଶା ଭଣଭଣ ଉଭୟ ସହରରେ ମଶା ସାନ୍ଦ୍ରତା ୧୦୦ ଟପିଛି । ଅର୍ଥାତ ଘଣ୍ଟାଏ ମଧ୍ୟରେ ଜଣେ ଲୋକକୁ କାମୁଡିବାକୁ ଜଗିଛନ୍ତି ଅତି କମ୍‌ରେ ୧୦ଟି ମଶା । ତେବେ ମଶା ନିୟନ୍ତ୍ରଣ ଲାଗି ବିଏମ୍‌ସି ପକ୍ଷରୁ ଡ୍ରୋନ୍‌ର ସହାଯ୍ୟ ନିଆଯାଇଥିଲେ ମଧ୍ୟ କିଛି ସୁଫଳ ମିଳିବା ପରି ଜଣାପଡୁନି । ଅନ୍ୟପକ୍ଷରେ ଲୋକେ ଘରେ ବ୍ୟବହାର କରୁଥିବା ମଶା ବତୀ, ଲିକ୍ୟୁଇଡ୍ ଓ ଧୂପକୁ ମଶା ଆଦୌ ଖାତିର କରୁନାହାନ୍ତି । ବର୍ଷା ଋତୁ ପରେ ପ୍ରଶାସନ ନିଦରେ ଶୋଇଥିବାରୁ ଏଭଳି ସ୍ଥିତି

➔ପୃଷ୍ଠା–୭

THE AADHAR ODISHA
# ଆଧାର ଓଡ଼ିଶା
୨୩ –୨୯ ଡିସେମ୍ବର ୨୦୨୨



## ମୋଦିନୋମିକ୍ସର ଫଣ୍ଡା

ଡିସେମ୍ବର ୧୯ ତାରିଖରେ ସଙ୍ଘ ସରକାର ସଂସଦରେ ଦେଶର ବିଭିନ୍ନ ବ୍ୟାଙ୍କ୍‌ର କେତେ ଟଙ୍କା ଗତ ୫ ବର୍ଷ ଭିତରେ ବୁଡି ଯାଇଛି ତାହାର ଏକ ତାଲିକା ରଖିଛନ୍ତି। ତାଲିକା ମୁତାବକ ଏହି ସମୟ ଭିତରେ ବ୍ୟାଙ୍କ୍‌ଗୁଡିକ ୧୦ ଲକ୍ଷ ୯ ହଜାର କୋଟି ଟଙ୍କାର ଋଣକୁ ଆଉ ମିଳିବନି ବୋଲି କହି ଛାଡ କରିଦେଇଛନ୍ତି। ପ୍ରଶ୍ନ ହେଲା ଏ ଟଙ୍କା କାହାର, ଏବଂ କାହାକୁ ଛାଡ କରାଯାଇଛି।

ଇଂଲିଶରେ କୁହାଯାଏ କନେକ୍ଟିଂ ଡଟ୍‌ସ। ଆକ୍ଷରିକ ଅର୍ଥ ବିନ୍ଦୁକୁ ବିନ୍ଦୁ ଯୋଡିବା। ଆମେ ସମସ୍ତେ ପିଲା ବେଳେ ପାଠ ବହିରେ କିମ୍ବା ଚିତ୍ର ଖାତା ବା ମାସିକ ଶିଶୁ ପତ୍ରିକାରେ ବିନ୍ଦୁକୁ ବିନ୍ଦୁ ଯୋଡି ରେଖାଚିତ୍ର କରିଥିବା ନିଶ୍ଚିତ। ଏବେ ବି ପିଲା କରୁଛନ୍ତି। ଏମିତି ବିନ୍ଦୁଗୁଡିକୁ ଦେଖିଲେ ଆଲୁବାଲୁ ଦେଖାଯାଉଥିବ ମାତ୍ର ସେଗୁଡିକୁ ଯୋଡିଲେ ବିନ୍ଦୁଗୁଡିକ ମାଛ, ପକ୍ଷୀ, ମଣିଷ ଅଥବା ମାଙ୍କଡର ରୂପ ନେଇପାରେ । କିମ୍ବା କୁଆ ମାଠିଆରେ ଗୋଡି ପକାଇ ପାଣି ବା ବିରାଡି ଆଖି ବୁଜି ଖୀର ପିଉଥିବା କାହାଣୀର ଚିତ୍ର ବି ପଦାକୁ ଆସିପାରେ। ମୋଦି ସରକାରଙ୍କ ଗତ ୫ ବର୍ଷର ବିଭିନ୍ନ ଅର୍ଥନୈତିକ ନିଷ୍ପତ୍ତିକୁ ଯୋଡିଲେ ଏହି ପ୍ରକାର ଏକ ଚିତ୍ର ସାମ୍ନାକୁ ଆସୁଛି, ଯାହା କି ଏହିଭଳି ବିରାଟ ବଡ ପରିମାଣର ଅର୍ଥକୁ ଆତ୍ମସାତ କରିବାର ବାଟ ତିଆରି କରିଥିବା ସ୍ପଷ୍ଟ ହେଉଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଭାଇ ମୋଦିଙ୍କ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ୨୦୧୬ ମସିହା ନଭେମ୍ବର ମାସରେ ନୋଟ୍‌ବନ୍ଦୀ ବା ଡିମନୀଟାଇଜେଶନ କଲେ। ଦେଶର ଶତାଧିକ କୋଟି ସାଧାରଣ ଜନତା ନିଜ ମୁଣ୍ଡର ଝାଳ ତୁଣ୍ଡରେ ମାରି ଯେଉଁ କିଛି ଦଶ ପଚିଶ ହଜାର ନଗଦ ଟଙ୍କା ପାଖରେ ରଖିଥିଲେ, ଧାଡି ବାନ୍ଧି ବ୍ୟାଙ୍କରେ ଜମା ଦେଲେ। ଅନେକ ଦିନ ଧରି ଏ ପଟୁଆର ଚାଲିଲା। ତୁମେ ଲକ୍ଷେ ବାନ୍ଧ କି ୫୦ ହଜାର କିନ୍ତୁ ଥରକେ ପାଇବ ଅତି ବେଶୀରେ ଦି ହଜାର ଟଙ୍କା। ଧାଡିରେ ଠିଆ ହୋଇ ବହୁ ବୁଢାବୁଢୀ ଲୋକ ମୁର୍ଚ୍ଛାଫୁର୍ଚ୍ଛା ବି ହୋଇଛନ୍ତି। କେଉଁଠି କେଉଁଠି ଲୋକେ ଧାଡିରେ ଠିଆ ହୋଇ ପ୍ରାଣ ହରାଇଥିବାର ପ୍ରଚାର ଅପପ୍ରଚାର ବି ହୋଇଛି।

ଏହା ବି ସତ ଯେ, ସାଧାରଣ ଲୋକେ ଡିମନୀଟାଇଜେଶନ ପ୍ରକ୍ରିୟାର କଷ୍ଟକୁ ବିନା ପ୍ରତିବାଦରେ ସ୍ୱୀକାର କରିନେଇଥିଲେ। କାରଣ ସରକାରଙ୍କ ତରଫରୁ ତର୍କ ଦିଆଯାଇଥିଲା ଯେ, ଏହା ଦ୍ୱାରା ଦେଶରେ ଲୋକଙ୍କ ପାଖରେ ଯେଉଁ କଳାଧନ ଅଛି, ତାହା ଧରା ପଡିବ। ତା ସହିତ ନକଲି ନୋଟ ବି। ଏହି ତର୍କକୁ ଲୋକେ ବିଶ୍ୱାସ କଲେ। ଏହା ସହିତ ସେମାନଙ୍କ ସାମାନ୍ୟ ଲୋଭ ବି ଥିଲା। କାରଣ ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଲୋକଙ୍କୁ ମୋଦିଜୀ ବିଶ୍ୱାସ ଦିଆଇଥିଲେ ଯେ, ସେମାନେ ତାଙ୍କୁ ଯଦି ନିର୍ବାଚନରେ ଜିତାନ୍ତି, ତା' ହେଲେ ସେ ନୂତନ ସରକାର ଗଠନର ପ୍ରଥମ କାର୍ଯ୍ୟ ଭାବେ ବିଦେଶରେ ଥିବା ଭାରତର ଅର୍ବୁଦ ଅର୍ବୁଦ କଳାଟଙ୍କା ଆଣି ଯଥାଯୁକ୍ତ ଭାଗ ଭାଗ କରି ପ୍ରତି ଭୋଟରଙ୍କ ଖାତାକୁ ପଠାଇବେ। ଅତି କମ୍‌ରେ ଭାଗ ପିଚ୍ଛା ଦଶ ପନ୍ଦର ହଜାର ଟଙ୍କା ଲେଖାଏଁ ଆସିବ। ଆଖିଠରା ବେପାରୀ ବାବା ରାମଦେବ ଓ ତାଙ୍କ ଚରିତ୍ରର ଆଉ କିଛି ଜଣାଶୁଣା ବ୍ୟକ୍ତିତ୍ୱ ବି ମୋଦିଜୀଙ୍କ କଥାକୁ ବିଭିନ୍ନ ସଭା ସମିତିରେ ଦୋହରାଇଲେ। ଅର୍ଥ ଚିନ୍ତାରେ ବୁଡି ରହୁଥିବା ଅନେକ ଭୋଟର ତ ନିର୍ବାଚନ ପୂର୍ବଦିନ ରାତିରେ ନେଳିଆ ଗାନ୍ଧିମୁଣ୍ଡମାର୍କା ଖଡଖଡିଆ ନୋଟ୍ କିମ୍ବା ନାଲିପାଣି ବୋତଲେ କିମ୍ବା ଭାତ ଖଲିଏକୁ ଟିକିଏ ହାଡମାଉଁସ ଝୋଳ ମିଳିଲେ ଭୋଟ ଦେଇ ଦିଅନ୍ତି। ସେମାନଙ୍କ ଆକାଉଣ୍ଟକୁ ମୋଦିଜୀଙ୍କ ଦ୍ୱାରା ହଜାର ହଜାର ଟଙ୍କା ବାଟେଇବାର ପ୍ରତିଶ୍ରୁତି ପାଇ ଭୋଟ ନାଦି ଦେଲେ। ଦୀର୍ଘ ସାଢେ ଦୁଇ ଦଶନ୍ଧିର ରେକର୍ଡକୁ ଭାଙ୍ଗି ମୋଦିଜୀଙ୍କ ବିଜେପି ଦଳ ଏକକ ସଂଖ୍ୟାଗରିଷ୍ଠତା ହାସଲ କଲା।

ଗାଦିକୁ ଆସୁ ଆସୁ ମୋଦିଜୀ ଆରମ୍ଭ କରିଦେଲେ ବିନା ଜମାରେ ଧନଜନ ବ୍ୟାଙ୍କ ଖାତା ଖୋଲା ଯୋଜନା। ଲୋକଙ୍କ ବିଶ୍ୱାସ ଆହୁରି ଟାଣ ହେଲା। ବ୍ୟାଙ୍କ ଆକାଉଣ୍ଟ ଆବଶ୍ୟକତା ନ ଥିବା ଲୋକେ ଖାତା ଖୋଲି ଚାଲିଲେ। ଆଶା ବିଦେଶରୁ କଳା ଟଙ୍କା ଆସିଲେ ଭାଗ ଖାତାରେ ମିଳିବ। ସେହି ବିଶ୍ୱାସ ଓ ଅର୍ଥ ଲୋଭ ବଳବତ୍ତର ଥିବା ବେଳେ ଆସିଲା ନୋଟବନ୍ଦୀ। ଲୋକେ ଭାବିଲେ ବିଦେଶରେ ଗଚ୍ଛିତ କଳାଟଙ୍କାରୁ ଭାଗ ତ ମିଳିବ, ଦେଶୀ କଳାଟଙ୍କାରୁ କିଛି ମିଳିଯାଇପାରେ। ମୋଦିଜୀ କଥାର ଲୋକ, ଯେମିତି ହେଲେ ଦେବେ। ଡିମନୀଟାଇଜେଶନ ଜରିଆରେ ଦେଶରେ ଲୋକଙ୍କ ପାଖରେ ଥିବା ପ୍ରାୟ ୧୪ ଲକ୍ଷ କୋଟି ଟଙ୍କା ବ୍ୟାଙ୍କକୁ ଆସିଗଲା। ଏତେ ବଡ ଦେଶରେ ଏତେ ପରିମାଣର ଟଙ୍କାକୁ ପୃଷ୍ଠଭୂମିରେ ରଖି ଚିନ୍ତା କଲେ ଯେଉଁ ତିନି ଚାରି ହଜାର କୋଟି ଟଙ୍କାର ଫରକ୍ ଆସିଲା ତାହା କିଛି ନୁହେଁ। ଅର୍ଥାତ୍ କଳାଟଙ୍କା ନ ଥିଲା ବୋଲି କହିଲେ ଚଳେ। କିନ୍ତୁ ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ଲୋକଙ୍କ ଅର୍ଥ ବ୍ୟାଙ୍କକୁ ଚାଲିଗଲା। ଏହା ପରେ ନିୟମ ହେଲା ବ୍ୟାଙ୍କରୁ ଯଦି ଅଧିକ ଥର ଅର୍ଥ ଉଠାଯାଏ ବା ବନ୍ଧା ଯାଏ ତାହାହେଲେ ବ୍ୟାଙ୍କ କମିଶନ ନେବ। ଆମ ଆଦ୍‌ମୀର ଝାଳବୁହା ଧନ। ଡିମନୀଟାଇଜେଶନ ନେଲା ବ୍ୟାଙ୍କକୁ । ତାହାକୁ ଉଠାଇବାକୁ ହେଲେ କମିଶନ। ସାବାସ୍ ମୋଦିନୋମିକ୍ସ।

ବୋଧହୁଏ ୧୨୫ କୋଟି ସାଧାରଣ ଭାରତୀୟଙ୍କ ଦ୍ୱାରା ଜମା ଦିଆଯାଇଥିବା ନଗଦ ଅର୍ଥକୁ ଗତ ୫ ବର୍ଷ ଭିତରେ ହାତ ଗଣତି କିଛି ଶହ ଲୋକଙ୍କୁ ବାଣ୍ଟି ଦିଆଯାଇଛି ଋଣ ଆକାରରେ। ଯାହାକୁ ସେମାନେ ନ ଶୁଝିବା ହେତୁ ୧୦ ଲକ୍ଷ କୋଟି ଟଙ୍କା ଛାଡ କରାଯାଇଛି। ବିନ୍ଦୁକୁ ବିନ୍ଦୁ ଯୋଡିଲେ ଚିତ୍ରକଳ୍ପ ସ୍ପଷ୍ଟ। କଥାଟିଏ ଅଛି ଯଦି ଗରାଖ ବ୍ୟାଙ୍କରୁ ପଚାଶ ଷାଠିଏ ହଜାର ଋଣ ଆଣିଛି, ତା ହେଲେ ଗରାଖକୁ ସମସ୍ୟା। ଯଦି ବ୍ୟାଙ୍କ ହଜାରେ କୋଟି ଟଙ୍କା ଋଣ ଦେଇଛି ତାହା ବ୍ୟାଙ୍କର ସମସ୍ୟା। କାରଣ ନ ଶୁଝିଲେ, ଛାଡ କରିବାକୁ ବାଧ। ଏହି ହଜାର ହଜାର କୋଟି ଟଙ୍କା ଋଣ ନେଇଛନ୍ତି ନୀରବ ମୋଦି ବା ମେହୁଲ ଚୋକ୍ସି ଭଳି ମୋଦିଜୀଙ୍କ ପ୍ରିୟ ରାଜ୍ୟ ଗୁଜରାଟର ବାସିନ୍ଦା କିମ୍ବା ଅଦାନୀ, ଅମ୍ବାନୀ, ମାଲ୍ୟାଙ୍କ ଭଳି କର୍ପୋରେଟ୍ ହଂଚୋ। ସେମାନଙ୍କ ପାଇଁ ଡିଆରଟିଏ (ଋଣ ଆଦାୟ ଆଇନ) ଫୁଟ୍। ଡିଏଆରଟିଏରେ ଘର କୋରଖ ହୁଏ, ଗାଡି ଜବତ ହୁଏ ଦୁଇ ଚାରି ଲକ୍ଷ ଟଙ୍କା ଋଣ ନେଇଥିବା ଆମ୍ ଆଦ୍‌ମୀର। ଅପରପକ୍ଷେ ବ୍ୟାଙ୍କରେ ଜମା ଆମ ଟଙ୍କାକୁ ନେଇ ସେହି ତଥାକଥିତ ବଡ ବଡ ଧନୀ, ଶିଳ୍ପପତି ଖାଇ ପିଇ ପାରେଇ ଯାଇଛନ୍ତି। ଝିଣ୍ଟିକା ମାରି ବଣି ପୋଷ ନୀତିର ଅତି ଉତ୍କୃଷ୍ଟ ନମୂନା ମୋଦିନୋମିକ୍ସ ନୁହେଁ କି ?

**ସମ୍ପାଦକଙ୍କୁ ପତ୍ର ଓ ସମ୍ପାଦକୀୟ ପୃଷ୍ଠା**
**ଲାଗି ଲେଖା ପଠାଇବା ଠିକଣା**
ଇମେଲ୍– aadharodisha8@gmail.com
**ଯୋଗାଯୋଗ**–ପ୍ଲଟ୍ ନମ୍ବର–ପି–୪୨, ଲେନ୍–୧, ଫେଜ୍–୧,
ଶ୍ରୀକ୍ଷେତ୍ର ବିହାର, ଆଇଗିଣିଆ, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା

# ଉତ୍ତର-ବାର୍ଦ୍ଧକ୍ୟରେ ଦମ୍ପତ୍ତିଙ୍କ ଯୁଗ୍ମ-ଇଚ୍ଛାମୃତ୍ୟୁ

ଡକ୍ଟର ପ୍ରଦୀପ ମହାପାତ୍ର

'ଉତ୍ତର-ବାର୍ଦ୍ଧକ୍ୟ' ଅର୍ଥାତ ୭୫ ବର୍ଷୋତ୍ତର ଜୀବନ, 'ଦମ୍ପତ୍ତି' ଅର୍ଥାତ ପତି-ପତ୍ନୀ, 'ଯୁଗ୍ମ-ଇଚ୍ଛାମୃତ୍ୟୁ' ଅର୍ଥାତ ଏକତ୍ର ଇଚ୍ଛା ଅନୁଯାୟୀ ପ୍ରାଣତ୍ୟାଗ ନିଷ୍ପତ୍ତି ବିରଳ ଘଟଣା ପ୍ରତୀୟମାନ ହୁଏ । ଭାରତ ତଥା ପ୍ରାଚ୍ୟ-ଭୂଖଣ୍ଡରେ ପ୍ରାୟତଃ ଇଚ୍ଛାମୃତ୍ୟୁ ଆଇନାନୁମୋଦିତ ନଥିବା ସ୍ଥଳେ ନେଦରଲ୍ୟାଣ୍ଡ, ବେଲଜିୟମ, କନାଡ଼ା, ଆଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ ସମେତ ଡ଼ଜନେରୁ ଉର୍ଦ୍ଧ୍ୱ ରାଷ୍ଟ୍ରରେ ପ୍ରଚଳିତ । ବିଗତ ଅର୍ଦ୍ଧ ଶତାବ୍ଦୀରେ ଉତ୍ତର-ବାର୍ଦ୍ଧକ୍ୟରେ ଦମ୍ପତ୍ତିଙ୍କ ଯୁଗ୍ମ-ଇଚ୍ଛାମୃତ୍ୟୁ ଘଟଣାବଳୀ ସମୟନ୍ତେ ଗଣମାଧ୍ୟମରେ ଚର୍ଚ୍ଚିତ ହୋଇଥାଏ ।

କୌଣସି ଅସାଧ୍ୟ ରୋଗାକ୍ରାନ୍ତ କିମ୍ବା ମାନସିକସ୍ତରରେ ଗଭୀର ଅବସାଦଗ୍ରସ୍ତ ନହୋଇ ବାର୍ଦ୍ଧକ୍ୟାବସ୍ଥାର କ୍ଷୟଶୀଳ ଶାରିରୀକ, ମାନସିକ ଓ ସାମାଜିକ ସନ୍ତୁଳନହାନୀରେ ମ୍ରିୟମାଣ ହୋଇ ଜୀବନ ତ୍ୟାଗ ନିମନ୍ତେ କେତେକ ଇଚ୍ଛାମୃତ୍ୟୁକୁ ସମାଧାନର ପନ୍ଥା ରୂପେ ବିଚାର କରିଥାନ୍ତି । ଭବିଷ୍ୟତରେ ବୃଦ୍ଧାବସ୍ଥାଜନିତ ସମସ୍ୟାଗୁଡ଼ିକ ଜଟିଳ ଆକାର ଧାରଣ କରିବା ପୂର୍ବାନୁମାନ, ଶାରିରୀକ ଓ ମାନସିକସ୍ତରରେ ଆୟତ୍ତ ହରାଇବା ସମ୍ଭାବନା ଏବଂ ଅନ୍ୟ ଉପରେ ବୋଝ ପାଲଟିବା ପରିସ୍ଥିତିରୁ ମୁକ୍ତି ପାଇବା ନିମନ୍ତେ ଶାରିରୀକ ଓ ମାନସିକସ୍ତରରେ ଅପେକ୍ଷାକୃତଭାବେ ସକ୍ରିୟ ଥିବା ଅବସ୍ଥାରେ ସଂସାରରୁ ଅପସରି ଯିବା ଉଚିତ ମନେ କରିଥାନ୍ତି ।

ଦାମ୍ପତ୍ୟ ଜୀବନରେ ଏହି ବିକଳ୍ପ ଚିନ୍ତାଧାରା ସ୍ଥଳବିଶେଷରେ ପତି ଓ ପତ୍ନୀ ଉଭୟଙ୍କ ଯୁଗ୍ମ-ଇଚ୍ଛାମୃତ୍ୟୁ ପ୍ରସ୍ତାବରେ ପରିବର୍ତ୍ତିତ ହୋଇଥାଏ । ଗବେଷକମାନେ ୧୯୯୭ରେ ଦର୍ଶାଇଥିଲେ ଯେ ଦମ୍ପତ୍ତିଙ୍କ ଯୁଗ୍ମ-ଇଚ୍ଛାମୃତ୍ୟୁ ଉଦାହରଣରେ ବାର୍ଦ୍ଧକ୍ୟଗ୍ରସ୍ତ, ବୈବାହିକ ଜୀବନରେ ଆବଦ୍ଧ, ରୋଗାକ୍ରାନ୍ତ ତଥା ଶିକ୍ଷାଗତ ଓ ଅର୍ଥନୀତିକ ଦିଗରୁ ସ୍ୱଚ୍ଛଳବର୍ଗ ଅଂଶୀଦାର । ସେହିପରି ୨୦୦୮ରେ ପ୍ରକାଶିତ ଗବେଷଣାରୁ ଜଣାଯାଇଥିଲା ଯେ ଏକାକୀ ଆତ୍ମହତ୍ୟା କରୁଥିବା ବ୍ୟକ୍ତିଙ୍କ ତୁଳନାରେ ଯୁଗ୍ମ-ଇଚ୍ଛାମୃତ୍ୟୁରେ ଅଂଶଗ୍ରହଣ କରୁଥିବା ଦମ୍ପତ୍ତି କମ ମାତ୍ରାରେ ମାନସିକସ୍ତରରେ ଭରାକ୍ରାନ୍ତ । ଏହି ପ୍ରକ୍ରିୟାରେ ସାଧାରଣରେ ପୁରୁଷମାନେ ପ୍ରସ୍ତାବ ଉତ୍ଥାପନ, ଆଲୋଚନା ଓ କାର୍ଯ୍ୟକାରୀ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥାନ୍ତି ।

ଯୁଗ୍ମ-ଇଚ୍ଛାମୃତ୍ୟୁକୁ ଅଗ୍ରାଧିକାର ଦେଉଥିବା ପତି-ପତ୍ନୀ ନିବିଡ଼ ବନ୍ଧୁତ୍ୱରେ ଆବଦ୍ଧ ଥିବା ଏବଂ ମାନସିକସ୍ତରରେ ଉଭୟ ଉଭୟଙ୍କ ଉପରେ ନିର୍ଭରଶୀଳ ରହୁଥିବା ୧୯୯୭ ଗବେଷଣାରେ ପ୍ରକାଶ ପାଇଥିଲା । ଏହି ଧରଣର ଦମ୍ପତ୍ତିମାନେ ସାଧାରଣତଃ ଅପେକ୍ଷାକୃତଭାବେ ସାମାଜିକ ସ୍ତରରେ କମ ଚଳପ୍ରଚଳ ହେଉଥିବା ଏବଂ ନିଜ ମନକଥା ଅନ୍ୟମାନଙ୍କ ସହ ଆଲୋଚନାରୁ କ୍ଷାନ୍ତ ରହୁଥିବା ଜଣାଯାଇଥିଲା । ବାର୍ଦ୍ଧକ୍ୟଜନିତ କାରଣରୁ ପତି-ପତ୍ନୀଙ୍କ ସଂପର୍କରେ ଆଞ୍ଚ ଆସିବା ସଂଭାବନା ତଥା ଜଣକର ମୃତ୍ୟୁରେ ଅନ୍ୟ ଜଣକ ସବୁଦିନ ଲାଗି ଏକୁଟିଆ ହୋଇଯିବା ପରିବେଶରୁ ମୁକ୍ତି ପାଇବା ନିମନ୍ତେ ଦମ୍ପତ୍ତିମାନେ ଯୁଗ୍ମ-ଇଚ୍ଛାମୃତ୍ୟୁ ସମର୍ଥନ କରୁଥିବା ୨୦୦୮ ଗବେଷଣାରେ ପ୍ରକାଶିତ ହୋଇଥିଲା ।

ବାର୍ଦ୍ଧକ୍ୟ ଜୀବନଚର୍ଯ୍ୟା ଅଧ୍ୟୟନ 'ଜେରେଣ୍ଟୋଲଜି' କ୍ଷେତ୍ରରେ ଦମ୍ପତ୍ତିଙ୍କ ଯୁଗ୍ମ-ଇଚ୍ଛାମୃତ୍ୟୁ ସମ୍ପର୍କୀତ ଗବେଷଣା ସୀମିତ । ଏ ସଂପର୍କରେ ୧୯୬୧ରେ ପ୍ରକାଶିତ ଏକ ସନ୍ଦର୍ଭରେ ତତ୍କାଳରେ ବିଭିନ୍ନ ରାଷ୍ଟ୍ରରୁ ୬୫ ଗୋଟି ଦମ୍ପତ୍ତିଙ୍କ ଯୁଗ୍ମ-ଇଚ୍ଛାମୃତ୍ୟୁର ବିବରଣୀ ସଂକଳିତ ହୋଇଥିଲା । ଜେରେଣ୍ଟୋଲଜିକାଲ ସୋସାଇଟି ଅଫ ଆମେରିକା ପକ୍ଷରୁ 'ଦି ଜେରେଣ୍ଟୋଲଜିଷ୍ଟ' ନାମକ ଏକ ଗବେଷଣା ପତ୍ରିକା ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧ୍ୱ କାଳ ଧରି ପ୍ରକାଶିତ ହୋଇଆସୁଛି । ଏହାର ଡ଼ିସେମ୍ବର ୨୦୧୬ ସଂଖ୍ୟାରେ ନେଦରଲ୍ୟାଣ୍ଡ ନିବାସୀ ପିଟର ଓ ସୁଜନ ନାମଧାରୀ ଏକ ଡ଼ଚ ଦମ୍ପତ୍ତିଙ୍କ ଯୁଗ୍ମ-ଇଚ୍ଛାମୃତ୍ୟୁର ସବିଶେଷ ବିବରଣୀ ସନ୍ନିବଶିତ । ଉକ୍ତ ଦମ୍ପତ୍ତିଙ୍କ ମୃତ୍ୟୁ-ପୂର୍ବରୁ ଶାରିରୀକ, ମାନସିକ ଓ ପାରିବାରିକ ଅବସ୍ଥା ବର୍ଣ୍ଣନାରେ ପ୍ରବନ୍ଧଟିକୁ ପ୍ରଥମ ଉଦ୍ୟମ ବିବେଚନା କରାଯାଏ ।

ନେଦରଲ୍ୟାଣ୍ଡରେ ୨୦୦୨ ମସିହାରୁ ଇଚ୍ଛାମୃତ୍ୟୁ ବୈଧ ଘୋଷିତ ହୋଇଛି । ଅବଶ୍ୟ ଏହା ସାଧାରଣ ନାଗରିକଙ୍କ ମୌଳିକ ଅଧିକାର ଅନ୍ତର୍ଭୁକ୍ତ ନହୋଇଥିବା ସ୍ଥଳେ ସ୍ୱାସ୍ଥ୍ୟଗତ କାରଣରୁ ଅନୁମତି ମିଳିଥାଏ । ସେଠାରେ ଏକବିଂଶ ଶତାବ୍ଦୀ ଦ୍ୱିତୀୟ ଦଶକରେ ଦମ୍ପତ୍ତିଙ୍କ ଯୁଗ୍ମ-ଇଚ୍ଛାମୃତ୍ୟୁ ପ୍ରବାହ ଅନୁଧ୍ୟାନ ନିମନ୍ତେ ଏକ ଗବେଷଣା ପ୍ରକଳ୍ପ ପ୍ରଯୋଜନା କରାଯାଇଥିଲା । ଏଥିରେ ୨୦୧୩ ଏପ୍ରିଲରୁ ସେପ୍ଟେମ୍ବର ଛଅ ମାସ ମଧ୍ୟରେ ୨୫ ଜଣ ୭୦ ବର୍ଷୋତ୍ତର ବରିଷ୍ଠ ନାଗରିକ ସାମିଲ ହୋଇଥିଲେ । ପିଟର ଓ ସୁଜନଙ୍କ ଇଚ୍ଛାମୃତ୍ୟୁ-ପୂର୍ବ ଜୀବନ ଅନୁଧ୍ୟାନ ସେହି ବୃହତ ଗବେଷଣାର ଅଂଶବିଶେଷ ।

ଅଧ୍ୟୟନ କାଳରେ ପିଟର ଓ ସୁଜନ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କର୍ମନିଯୁକ୍ତି ସାରି ଅବସର ଜୀବନ ବିତାଉଥାନ୍ତି । ବିବାହ ବନ୍ଧନ ନିବିଡ଼ । ସେମାନଙ୍କ ଚାରିଗୋଟି ସନ୍ତାନ ଏବଂ ଜଣେ ପୁଅକୁ ବାଦ ଦେଲେ ଅନ୍ୟ ତିନିଜଣଙ୍କ ସହ ସୁସଂପର୍କ ରହି ଆସିଥିଲା । ସମୟକ୍ରମେ ପିଟର ମସ୍ତିଷ୍କାଘାତ ଟିଆଇଏ ଓ ସୁଜନ ଆର୍ଥ୍ରାଇଟିଜ ବାତ ରୋଗରେ ଆକ୍ରାନ୍ତ ହୋଇପଡ଼ିଥିଲେ । ସେମାନଙ୍କ ସ୍ୱାସ୍ଥ୍ୟଭଙ୍ଗ କାରଣରୁ ପିଲଏ ଅବସ୍ଥାନ





କରୁଥିବା ସହରକୁ ସ୍ଥାନାନ୍ତରିତ ନିଷ୍ପତ୍ତି ନେଇଥିଲେ । ତେବେ ନୂତନ ସହରସହ ବୃଦ୍ଧ ଦମ୍ପତ୍ତି ପୂର୍ବ-ପରିଚିତି ଅଭାବରୁ ମାନସିକସ୍ତରରେ ଖାପଖୁଆଇ ପାରିନଥିଲେ । ସମୟକ୍ରମେ ଯୁଗ୍ମ-ଇଚ୍ଛାମୃତ୍ୟୁ ନିଷ୍ପତ୍ତି ଗ୍ରହଣ କରିଥିଲେ ।

ଗବେଷକମାନେ ଲକ୍ଷ୍ୟ କରିଥିଲେ ଯେ ଦମ୍ପତ୍ତିଙ୍କ ଭଗ୍ନ ସ୍ୱାସ୍ଥ୍ୟାବସ୍ଥା, ବୟସାନୁକ୍ରମିକ ପାରିବାରିକ ଓ ସାମାଜିକ ସଂପର୍କରେ ଅବକ୍ଷୟ, ଶେଷ ଜୀବନ ସହାୟତାଯୁକ୍ତ ଜୀବନଯାପନ ଲାଗି ନର୍ସିଂହୋମରେ ବିତାଇବା ଆଶଙ୍କା ଏବଂ ବ୍ୟକ୍ତିଗତସ୍ତରରେ ସ୍ୱାଧୀନତା ହରାଇବା ପୂର୍ବରୁ ଜୀବନତ୍ୟାଗ ପାଇଁ ପିଟର ଓ ସୁଜନ ପ୍ରସ୍ତୁତ ହୋଇଥିଲେ । ପିଟରଙ୍କ ପିତା-ମାତା ଉତ୍ତର-ବାର୍ଦ୍ଧକ୍ୟରେ ନର୍ସିଂହୋମରେ ଶଯ୍ୟାଶାୟୀ ଜୀବନ କଟାଇ ମୃତ୍ୟୁବରଣ କରିଥିଲେ । ଏହି ଅଭିଜ୍ଞତାରେ ଅଥୟ ହୋଇ ପିଟର-ସୁଜନ ଦମ୍ପତ୍ତି ଯୁଗ୍ମ-ଇଚ୍ଛାମୃତ୍ୟୁ ନିମନ୍ତେ ଜୀବନରେ ବହୁ ପୂର୍ବରୁ ନିଷ୍ପତ୍ତି ନେଇ ସାରିଥିଲେ । ଦିହେଁ ସ୍ଥାନୀୟ ଇଚ୍ଛାମୃତ୍ୟୁ ସଂଗଠନ ସହ ଦୀର୍ଘ ଦିନ ଧରି ସଂପୃକ୍ତ ରହି ଏହି ଦିଗରେ ସବିଶେଷ ଘଟଣା-ପ୍ରବାହ ଅବଗତ ହେଉଥିଲେ ।

ଗବେଷକଙ୍କ ବିବରଣୀରେ ପିଟର ଇଚ୍ଛାମୃତ୍ୟୁ ନିମନ୍ତେ ଆଗୁଆ ଆଗ୍ରହ ପ୍ରକାଶ କରିଥିବା ସ୍ଥଳେ ସୁଜନ କିଛିକାଳ ଗଡ଼ାଇନେବା ନିମନ୍ତେ ଉଦ୍ୟମ କରିଥିଲେ । ଅବଶ୍ୟ ଦିହେଁ ପରସ୍ପରଙ୍କ ଅସୁବିଧା ବେଶ ବୁଝିପାରୁଥିଲେ । ସୁଜନ ପିଟରଙ୍କ ବିନା ଜୀବନକୁ ଗ୍ରହଣ କରୁନଥିଲେ ଏବଂ ତାଙ୍କ ଲାଗି ପିଟର ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଥିବା ସୁଜନ ହୃଦବୋଧ କରି ଦୁଃଖ ପ୍ରକାଶ କରୁଥିଲେ । ପୂର୍ବ ନିର୍ଦ୍ଧାରିତ ଯୁଗ୍ମ-ଇଚ୍ଛାମୃତ୍ୟୁ ନିଷ୍ପତ୍ତିରୁ ଯେକୌଣସି ପରିବେଶରେ ଓହରି ଯିବା ନିମନ୍ତେ ପ୍ରସ୍ତୁତ ନଥିଲେ ।

ସୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାର କ୍ରମାଗତ ଅବନତି ଘଟି ସେ ଚଲାବୁଲା କରିବା ସମ୍ଭବ ନହେବା ଅବସରରେ ଯୁଗ୍ମ-ଇଚ୍ଛାମୃତ୍ୟୁ ନିମନ୍ତେ ଦିହେଁ ସମୟ ନିର୍ଦ୍ଧାରଣ କରିଥିଲେ । ନିଜ ବାସଗୃହରେ ପ୍ରାଣତ୍ୟାଗ ନିମନ୍ତେ ପ୍ରସ୍ତୁତ ହେବା ପରେ ସନ୍ତାନସନ୍ତତିଙ୍କୁ ଜଣାଇଥିଲେ । ପିଟର ଗବେଷକମାନଙ୍କୁ କହିଥିଲେ ଯେ ତାଙ୍କରି ବଡ଼ ପୁଅ ସେମାନଙ୍କ ଦୟନୀୟ ପରିସ୍ଥିତି ବେଶ ବୁଝିପାରିଥିଲେ, କିନ୍ତୁ ଇଚ୍ଛାମୃତ୍ୟୁକୁ ନାପସନ୍ଦ କରିଥିଲେ । ଶେଷରେ ପିଟର ଓ ସୁଜନ ପୂର୍ବ-ନିର୍ଦ୍ଧାରଣ ମତେ ଔଷଧ ସେବନ କରି ବାସଗୃହରେ ଇଚ୍ଛାମୃତ୍ୟୁ ବରଣ କରିଥିଲେ ।

ଦମ୍ପତ୍ତିଙ୍କ ଯୁଗ୍ମ-ଇଚ୍ଛାମୃତ୍ୟୁକୁ ଏକ ଚରମ ରୋମାଣ୍ଟିକ ପଦକ୍ଷେପ ଭାବେ ସମୀକ୍ଷକଙ୍କ ମଧ୍ୟରୁ ଏକାଂଶ ବିଚାର କରିଥାନ୍ତି । ଦୀର୍ଘ ଅତୀତରୁ ବିବାହ ବନ୍ଧନରେ ଆବଦ୍ଧ ଜୀବନସାଥିଙ୍କ ମୃତ୍ୟୁପରେ ସାନ୍ନିଧ୍ୟହାନୀକୁ କେତେକ ମୋଟରୁ ଗ୍ରହଣ କରିବା ନିମନ୍ତେ ଅମଙ୍ଗ ହୋଇଥାନ୍ତି । ପରିବର୍ତ୍ତିତ ଜୀବନ ଶୈଳୀରେ ମନୁଷ୍ୟ ବିଜ୍ଞାନ ଓ ବୈଷୟିକ ଉଦ୍ଭାବନମାନ ଉପଯୋଗରେ ଜୀବନର ବହୁ ବିଭବ ନିୟନ୍ତ୍ରଣ କରିବାରେ ସାମର୍ଥ୍ୟ ହାସଲ କରିସାରିଥିବା ସ୍ଥଳେ ଅବହେଳିତ ବାର୍ଦ୍ଧକ୍ୟ ଓ ପ୍ରିୟଜନ ହାନୀ ଜନିତ ଗ୍ଲାନିକୁ ମଧ୍ୟ ଏଡ଼ାଇ ଦେବା ନିମନ୍ତେ ପ୍ରସ୍ତୁତି ଯୁଗ୍ମ-ଇଚ୍ଛାମୃତ୍ୟୁରେ ପ୍ରତିଫଳିତ । ଅବଶ୍ୟ ମୃତ୍ୟୁକୁ ଜୀବନର ପରିସମାପ୍ତି ଏବଂ ମୃତ୍ୟୁପରେ ପ୍ରିୟଜନଙ୍କ ଅଭାବଜନିତ ଦୁଃଖ ଲାଘବ କରିହେବ ବୋଲି ଦୃଷ୍ଟିକୋଣ ଦମ୍ପତ୍ତିଙ୍କ ଯୁଗ୍ମ-ଇଚ୍ଛାମୃତ୍ୟୁର ମୂଳତତ୍ତ୍ୱ ।

# ମେସିଙ୍କ ସ୍ୱପ୍ନ ସାକାର



୧୯୮୬ରେ ଡିଏଗୋ ମୋରୋଡୋନା ଆଉ ୨୦୨୨ରେ ଲିଓନେଲ୍ ମେସି । ରବିବାର ସନ୍ଧ୍ୟାରେ ଦୋହାର ଲୁସେଲ୍ ଷ୍ଟାଡିୟମରେ ମେସିଙ୍କ ଯାଦୁ ଚାଲିଲା ତ ଆର୍ଜେଣ୍ଟିନାକୁ ମିଳିଲା ତାର ତୃତୀୟ ତଥା ସ୍ୱପ୍ନର ବିଶ୍ୱକପ୍ । ଫୁଟବଲ ପ୍ରେମୀ ଯାହା ଆଶା କରିଥିଲେ ତାହା ହିଁ ହୋଇଛି । ବିଶ୍ୱ ଫୁଟବଲ୍‌ର ଅନ୍ୟତମ ଶ୍ରେଷ୍ଠ ଖେଳାଳି ମହାନାୟକ ଲିଓନେଲ ମେସିଙ୍କ ବହୁ ପ୍ରତୀକ୍ଷିତ ସ୍ୱପ୍ନ ପୂରଣ ହୋଇଛି । ଆର୍ଜେଣ୍ଟିନା ୩୬ ବର୍ଷ ପରେ ଫିଫା ବିଶ୍ୱକପ ଟ୍ରଫି ଫେରିପାଇଛି । ୧୯୭୮, ୧୯୮୬ ପରେ ଆର୍ଜେଣ୍ଟିନା ୩ୟ ଥର ପାଇଁ ବିଶ୍ୱକପ ମୁକୁଟ ପିନ୍ଧିଛି । ମେସି ପ୍ରଥମ ଥର ପାଇଁ ବିଶ୍ୱକପ ଟ୍ରଫି ଜିତିବାରେ ସଫଳ ହୋଇଛନ୍ତି । ଏହି ବିଜୟ ପରେ ଆର୍ଜେଣ୍ଟିନା ସମେତ ଭାରତରେ ମଧ୍ୟ ମେସି ଫ୍ୟାନ୍ ନାଚଗୀତରେ ମସଗୁଲ ହୋଇଛନ୍ତି । ଫ୍ୟାନ୍ସଙ୍କ ଠାରୁ ନେଇ ଫୁଟବଲ୍ କିମ୍ବଦନ୍ତୀଙ୍କ ଯାଏଁ, ଗତକାଲି ଫିଫା ଫିନାଲେକୁ ଫୁଟବଲ ଇତିହାସର ସର୍ବଶ୍ରେଷ୍ଠ ମ୍ୟାଚ୍ ବୋଲି କହୁଛନ୍ତି । କାରଣ ଏହି ମ୍ୟାଚ୍ କେତେବେଳେ କନ୍ଦାଉଥିଲା ତ କେବେ କରୁଥିଲା ଖୁସି । ପ୍ରତି ମୁହୂର୍ତ୍ତରେ ବଦଳୁଥିଲା ସ୍ଥିତି । ଆର୍ଜେଣ୍ଟିନା ବିଶ୍ୱକପର ପ୍ରଥମ ମ୍ୟାଚରେ ଏସୀୟ ରାଷ୍ଟ୍ର ସାଉଦିଆରବ ନିକଟରୁ ୨–୧ ଗୋଲରେ ପରାଜିତ ହୋଇଥିଲା । ପରାଜୟରୁ ବିଶ୍ୱକପ ଆରମ୍ଭ କରିଥିବା ଆର୍ଜେଣ୍ଟିନା ଚମ୍ପିଆନ ସହ ଅଭିଯାନ ଶେଷ କରିଛି ।



### ମେସିଙ୍କ ଦୁଇ ବିଶ୍ୱ ରେକର୍ଡ


ଫିଫା ବିଶ୍ୱକପ୍‌ରେ ଦୁଇଟି ଇତିହାସ ରଚିଛନ୍ତି ଲିଓନେଲ ମେସି । ମଇଦାନକୁ ଓହ୍ଲାଇବା ମାତ୍ରେ ଫୁଟବଲ୍ ବିଶ୍ୱକପ୍‌ରେ ସର୍ବାଧିକ ମ୍ୟାଚ୍ ଖେଳିବାର ରେକର୍ଡ କରିଛନ୍ତି ଲିଓନେଲ ମେସି । ସେହିପରି ଫ୍ରାନ୍ସ ବିପକ୍ଷରେ ପ୍ରଥମ ଗୋଲ୍ ଦେଇ ଆଉ ଏକ ବିଶ୍ୱ ରେକର୍ଡ କରିବାରେ ସଫଳ ହୋଇଥିଲେ । ଏହି ଗୋଲ୍ ଦେବା ମାତ୍ରେ ମେସି ଫୁଟବଲ୍ ବିଶ୍ୱକପ୍ ଇତିହାସରେ ପ୍ରଥମ ଖେଳାଳି ଭାବେ ଗ୍ରୁପ ପର୍ଯ୍ୟାୟଠୁ ନେଇ ଫାଇନାଲ୍ ପର୍ଯ୍ୟନ୍ତ ମ୍ୟାଚ୍‌ରେ ଗୋଲ୍ ଦେବାର ରେକର୍ଡ କରିଛନ୍ତି ।

### ବଡ଼ ମ୍ୟାଚ୍‌ରେ ସଫଳ ଯୋଡ଼ି: ମେସି–ମାରିଆ

ବଡ଼ ମ୍ୟାଚ୍‌ରେ ସଫଳ ଯୋଡ଼ି ଭାବେ ବେଶ ପରିଚିତ ଦୁଇ ଆର୍ଜେଣ୍ଟିନା ଖେଳାଳି ଲିଓନେଲ ମେସି ଓ ଡି ମାରିଆ । ଫ୍ରାନ୍ସ ବିପକ୍ଷ ଫାଇନାଲ୍‌ରେ ଉଭୟ ଗୋଲ୍ ଦେବା ପରେ ଏହା ପୁଣି ଥରେ ପ୍ରମାଣିତ ହୋଇଛି । ୨୦୦୫ରେ ଡି ମାରିଆ ଓ ମେମି ୨୦ ବର୍ଷରୁ କମ୍ ବିଶ୍ୱକପ୍‌ରେ ଗୋଲ୍ ଦେଇ ଆର୍ଜେଣ୍ଟିନାକୁ ବିଜେତା କରିଥିଲେ । ୨୦୦୮ରେ ମେସିଙ୍କ ସହାୟତାରେ ଡି ମାରିଆ ବିଜୟୀ ଗୋଲ୍ ଦେଇ ଆର୍ଜେଣ୍ଟିନାକୁ ବେଜିଂ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ଦେଇଥିଲେ ।

### ଆର୍ଜେଣ୍ଟିନାକୁ ୩୪୪ କୋଟି

୩୬ ବର୍ଷ ପରେ ବିଶ୍ୱ ବିଜୟୀ ହୋଇଛି ଆର୍ଜେଣ୍ଟିନା । ଲିଓନେଲ ମେସିଙ୍କ ନେତୃତ୍ୱରେ ଦଳ ଫିଫା ବିଶ୍ୱକପରେ ଆର୍ଜେଣ୍ଟିନା ୩ୟ ଥର ଚାମ୍ପିଅନ ହେବାର ସ୍ୱପ୍ନ ପୂରା କରିଛି । ଫିଫା ବିଶ୍ୱକପ୍‌ରେ ବିଜେତା ଆର୍ଜେଣ୍ଟିନାଙ୍କୁ ୪୨ ମିଲିୟନ୍ ଡଲାର ମିଳିଛି । ଯାହା ଭାରତୀୟ ମୁଦ୍ରାରେ ପାଖାପାଖି ୩୪୪ କୋଟି ଟଙ୍କା ହେବ । ସେହିପରି ରନର୍ସ ଅପ୍ ଫ୍ରାନ୍ସ ଦଳକୁ ୩୦ ମିଲିୟନ୍ ଅର୍ଥାତ ୨୪୬ କୋଟି ଟଙ୍କା ଦିଆଯାଇଥିବା ବେଳେ ତୃତୀୟ ସ୍ଥାନରେ ଥିବା କ୍ରୋଏସିଆକୁ ୨୨୧ କୋଟି, ଚତୁର୍ଥ ସ୍ଥାନରେ ଥିବା ମରକ୍କୋକୁ ୨୦୫ କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହିସହ ୫ମରୁ ୮ମ ସ୍ଥାନ ଥିବା ପ୍ରତ୍ୟେକ ଦେଶକୁ ୧୩୯ କୋଟି ଏବଂ  ୯ରୁ ୧୬ତମ ସ୍ଥାନରେ ଥିବା ପ୍ରତ୍ୟେକ ଦେଶକୁ ୧୧୪ କୋଟି ଟଙ୍କା ପ୍ରଦାନ କରାଯାଇଛି ।





## କାହାକୁ କେଉଁ ପୁରସ୍କାର

ଫାଇନାଲ ପରେ ଟୁର୍ନାମେଣ୍ଟର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥି ମଧ୍ୟରେ ବିଶ୍ୱକପ ଗୋଲଡେନ୍ ବୁଟ, ବିଶ୍ୱକପ ଗୋଲଡେନ୍ ଗ୍ଲୋଭ, ଫିଫା ୟଙ୍ଗ ପ୍ଲେୟାର ଆୱାର୍ଡ ଏବଂ ଫିଫା ଫେୟାର ପ୍ଲେ ପୁରସ୍କାର ସାମିଲ ଅଛି ।

| | |
|---|---|
| ଗୋଲଡେନ୍ ବୁଟ୍ | କିଲିଆନ ଏମ୍ବାପେ(ଫ୍ରାନ୍ସ) |
| ଗୋଲଡେନ୍ ବଲ୍ | ଲିଓନେଲ ମେସି (ଆର୍ଜେଣ୍ଟିନା) |
| ଗୋଲଡେନ୍ ଗ୍ଲୋଭ | ଏମିଲିଆନୋ ମାର୍ଟିନେଜ (ଆର୍ଜେଣ୍ଟିନା) |
| ୟଙ୍ଗ ପ୍ଲେୟାର୍ | ଏନଜୋ ଫର୍ଣ୍ଣାଣ୍ଡିଜ (ଆର୍ଜେଣ୍ଟିନା) |
| ଫେୟାର୍ ପ୍ଲେ ଟ୍ରଫି | ଇଂଲଣ୍ଡ |




## ଫିଫା ବିଶ୍ୱକପ୍‌ରେ ସର୍ବାଧିକ ମ୍ୟାଚ୍ ଖେଳିଥିବା ଖେଳାଳି

| | | | | |
|---|---|---|---|---|
| ୧ | ଲିଓନେଲ୍ ମେସି | ଆର୍ଜେଣ୍ଟିନା | (୨୦୦୬–୨୨) | ୨୬ ମ୍ୟାଚ୍ |
| ୨ | ଲୋଥର ମଥାଉସ | ଜର୍ମାନୀ | (୧୯୨–୯୮) | ୨୫ ମ୍ୟାଚ୍ |
| ୩ | ମିରୋସ୍ଲାଭ କ୍ଲୋଜ | ଜର୍ମାନୀ | (୨୦୦୨–୧୪) | ୨୪ ମ୍ୟାଚ୍ |
| ୪ | ପାଓଲୋ ମାଲଦୀନ | ଇଟାଲୀ | (୧୯୯୦–୨୦୦୨) | ୨୩ ମ୍ୟାଚ୍ |
| ୫ | କ୍ରିଷ୍ଟିୟାନୋ ରୋନାଲ୍ଡୋ | ପର୍ତ୍ତୁଗାଲ | (୨୦୦୬–୨୨) | ୨୨ ମ୍ୟାଚ୍ |





## ଦେଶକୁ ଗୌରବାନ୍ୱିତ କଲେ ଦୀପିକା

ଫିଫା ବିଶ୍ୱକପ୍ ଟ୍ରଫି ଲଞ୍ଚ କରିଥିଲେ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ । ସେ ପ୍ରଥମ ଭାରତୀୟ ମହିଳା ଭାବେ ଫଫି ବିଶ୍ୱକପ୍ ଟ୍ରଫିରୁ ପରଦା ହଟାଇ ଏହାକୁ ଉନ୍ମୋଚନ କରିଛନ୍ତି । ବିଶ୍ୱକପ୍ ଟ୍ରଫିକୁ ଏକ ସ୍ୱତନ୍ତ୍ର ଟ୍ରଙ୍କ୍‌ରେ ସଜାଯାଇ ଲୁସେଲ ଷ୍ଟାଡିୟମରେ ଲଞ୍ଚ କରାଯାଇଥିଲା । ୬.୧୭୫ କେଜି ଓ ୧୮ କ୍ୟାରେଟ୍ ସୁନା ଓ ମେଲାକାଇଟରେ ତିଆରି ହୋଇଥିବା ଏହି ଟ୍ରଫି ଲଞ୍ଚ କରିବା ଅବସରରେ ଦୀପିକା ଜଣେ ସ୍ପାନିସ୍ ଫୁଟବଲରଙ୍କ ସହିତ ଷ୍ଟାଡିୟମ ଭିତରକୁ ପ୍ରବେଶ କରିଥିଲେ । ଦୀପିକାଙ୍କ ଏଣ୍ଟ୍ରିରେ ସମସ୍ତେ ଉତ୍ସାହିତ ହୋଇପଡିଥିଲେ ।








# କୋରାପୁଟ ଜିଲ୍ଲା ଲୋକ ମହୋତ୍ସବ ପରବ–୨୨: କଳା ଓ ସଂସ୍କୃତି ଅପୂର୍ବ ସମନ୍ୱୟ

କୋରାପୁଟ: କୋରାପୁଟ ଜିଲ୍ଲା ଲୋକ ମହୋତ୍ସବ ପରବ–୨୦୨୨ ରୌପ୍ୟ ଜୟନ୍ତୀ ସମାରୋହ ସୋମବାର ଉଦଯାପିତ ହୋଇଯାଇଛି । ଯେତେସବୁ ପର୍ବ ପର୍ବଣୀ ଅନୁଷ୍ଠିତ ହେଉଛି ସେଥିରୁ ପରବ ଅନ୍ୟତମ ଶ୍ରେଷ୍ଠ ଉତ୍ସବ । ଏଠାରେ କଳା ଓ ସଂସ୍କୃତି ଅପୂର୍ବ ସମନ୍ୱୟ ଘଟିଥାଏ । ପରବ ପାଳନ ମାଧ୍ୟମରେ କଳାକାରଙ୍କ ପ୍ରତିଭା ଲୋକଲୋଚନକୁ ଆସିଥାଏ । ବହୁ ଜାକଜମକରେ ଲାଣ୍ଡିଗୁଡାସ୍ଥିତ ସରକାରୀ ମହାବିଦ୍ୟାଳୟ ଠାରେ ରାଜ୍ୟ ସରକାରଙ୍କ ଆଇନ ଏବଂ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ବିକାଶ, ସଂଖ୍ୟା ଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇଥିବା ବେଳେ ଉଦ୍‌ଯାପନୀ ସମାରୋହରେ ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ପରବ ସ୍ମରଣିକାକୁ ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଛି । ଏଥିସହିତ ଅତିରିକ୍ତ ଜିଲ୍ଲାପାଳ ରାମେଶ୍ୱର ପ୍ରଧାନଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ପରବ ଭିଡିଓକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରଯାଇଛି । ମଞ୍ଚରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଛି । ପରବର ଶେଷ ସନ୍ଧ୍ୟାରେ ପଞ୍ଚାଙ୍ଗୀ କଳାକାରମାନଙ୍କ ଦ୍ୱାରା ଢେମସା ନୃତ୍ୟ ପରିବେଷଣ କରାଯାଇଛି । ଓଡିଶୀ ଫ୍ୟୁଜନ, କାଠିନାଚ, କଳାରୀ ପାୟାଟ୍ଟୁ, ଶିକାରୀ ନାଚ, ଘୁଡକା ନାଚ, ଲାଂଜିଆ ସୌରା ନାଚ, କାଲବେଲିଆ ନାଚ ଦର୍ଶକଙ୍କୁ ବେଶ୍ ଆନନ୍ଦିତ କରିଛି । ଏହାପରେ ପରବ ପତାକା ଓହ୍ଲାଇ ଓ ମୁଖ୍ୟ କ୍ୟାଣ୍ଡଲ ଲିଭାଇ ପରବ ୨୦୨୨ ଉଦଯାପିତ କରଯାଇଥିଲା । ଆତସବାଜି ଶବ୍ଦରେ ସରକାରୀ କଲେଜ ପଡ଼ିଆ ପ୍ରକମ୍ପିତ ହୋଇଥିଲା ।























# ଶିକ୍ଷୟିତ୍ରୀରୁ ମିସେସ୍ ୱାର୍ଲ୍ଡ ସର୍ଗମ୍



ଶେଷ ହୋଇଛି ୨୧ ବର୍ଷର ଅପେକ୍ଷା । ବିଶ୍ୱରେ ପୁଣି ଚମକିଲେ ଭାରତୀୟ । ଶେଷରେ ମିସେସ୍ ୱାର୍ଲ୍ଡ ଆଖ୍ୟା ଅର୍ଜନ କରିଛି ଭାରତ । ଭାରତର ସର୍ଗମ୍ କୌଶଲ 'ମିସେସ୍ ୱାର୍ଲ୍ଡ ୨୦୨୨' ଟାଇଟଲ ଜିତି ଦେଶ ପାଇଁ ଏହି ଗୌରବ ଆଣିଛନ୍ତି । ତାଙ୍କୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା । ଭାରତ ଦୀର୍ଘ ୨୧ ବର୍ଷ ପରେ ଶେଷରେ ଏହି ଟାଇଟଲ୍ ହାତେଇବାରେ ସଫଳ ହୋଇଛି । ଏହାପୂର୍ବରୁ ୨୦୦୧ରେ, ଡକ୍ଟର ଆଦିତି ଗୋବିତ୍ରିକର୍ ଏହି ଟାଇଟଲ୍ ଜିତି ମିସେସ୍ ୱାର୍ଲ୍ଡ ୨୦୦୧ ମୁକୁଟ ପିନ୍ଧିଥିଲେ । ଏଥର ଆମେରିକାର ଲାସ୍ ଭେଗାସ୍ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସାରା ବିଶ୍ୱରୁ ୬୩ ମହିଳା ଅଂଶଗ୍ରହଣ କରିଥିଲେଛ କିନ୍ତୁ ବାଜିମାରିନେଲେ ଭାରତର ସରଗମ୍ କୌଶଲ୍ । ସେ ଏହି ପ୍ରତିଯୋଗିତାରେ ଜିତି 'ମିସେସ୍ ୱାର୍ଲ୍ଡ ୨୦୨୨' ଆଖ୍ୟା ଅର୍ଜନ କରିଛନ୍ତି । ଏହି ମୁକୁଟ ଜିତିବା ପରେ ସରଗମ କେଶଲଙ୍କୁ ଶୁଭେଚ୍ଛା ମିଳିବା ଆରମ୍ଭ ହୋଇଛି । ଅଦିତି ଗୋବିତ୍ରିକର, ସୋହା ଅଲି ଖାନ, ବିବେକ ଓବରଏ ଏବଂ ମହମ୍ମଦ ଅଜହରୁଦ୍ଦିନ ସରଗମଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ଅଦିତି ଗୋବିତ୍ରିକର ଲେଖିଛନ୍ତି, ମୁଁ ଏହି ଯାତ୍ରାର ଏକ ଅଂଶ ହୋଇ ଖୁସି ଅଛି । ୨୧ବର୍ଷ ପରେ ଭାରତକୁ ମୁକୁଟ ଫେରି ଆସିଛି । ଆପଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ତେବେ ଆସନ୍ତୁ ସରଗମ୍ କୌଶଲ୍‌ଙ୍କ ସମ୍ପର୍କରେ ।

### ସର୍ଗମ୍‌ଙ୍କ କ୍ୟାରିୟର୍

ସର୍ଗମ୍ କୌଶଲ ଜମ୍ମୁ କାଶ୍ମୀରର ପ୍ରେଜେଣ୍ଟେସନ୍ କନଭେଣ୍ଟ ସିନିୟର ମାଧ୍ୟମିକ ବିଦ୍ୟାଳୟରେ ପାଠ ପଢିଛନ୍ତି । ଏହା ପରେ ସେ ଜମ୍ମୁ ବିଶ୍ୱବିଦ୍ୟାଳୟରୁ ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର କରିଛନ୍ତି ।

ମଡେଲିଂ ଦୁନିଆରେ ପ୍ରବେଶ କରିବା ପୂର୍ବରୁ ସର୍ଗମ୍ ଜଣେ ଶିକ୍ଷୟିତ୍ରୀ ଥିଲେ । ୨୦୧୮ ମସିହାରେ ସେ ବାୟୁସେନା ଅଧିକାରୀ(ଲେଫ୍ଟନାଣ୍ଟ କମାଣ୍ଡର) ଆଦିତ୍ୟଙ୍କୁ ବିବାହ କରିଥିଲେ । ବିବାହ ପରେ ସର୍ଗମ୍ ମୁମ୍ବାଇ ଆସି ମଡେଲିଂ ଆରମ୍ଭ କରିଥିଲେ ଏବଂ ଅନେକ ପ୍ରତିଯୋଗିତାରେ ଭାଗ ନେଇଥିଲେ । ବିବାହ ପରେ ସେ ତାଙ୍କ ମଡେଲିଂ କ୍ୟାରିୟର୍‌ରେ ସକ୍ରିୟ ରହିଲେ, ଯେଉଁଥିରେ ତାଙ୍କ ପରିବାର ସଦସ୍ୟ ତାଙ୍କୁ ସମ୍ପୂର୍ଣ୍ଣ ସମର୍ଥନ କରିଥିଲେ କରିଥିଲେ ଏବଂ ତାଙ୍କ ନିଷ୍ପତ୍ତିକୁ ସମ୍ମାନ ଦେଇଥିଲେ । ଏହାର ଫଳସ୍ୱରୂପ, ସର୍ଗମ୍ ବିଶ୍ୱସ୍ତରୀୟ ଏହି ସଫଳତା ପାଇଛନ୍ତି ।

### ୨୧ ବର୍ଷ ପରେ ଫେରିଲା ଗୌରବ

ସମସ୍ତଙ୍କୁ ଏହି ଖବର ଖୁସି କରିଦିଏ ଯେ 'ମିସେସ୍ ୱାର୍ଲ୍ଡ ୨୦୨୨' ଟାଇଟଲ୍ ଜିତି ସର୍ଗମ୍ କୌଶଲ ୨୧ ବର୍ଷ ପରେ ଭାରତକୁ ଏହି ମୁକୁଟ ଫେରାଇ ଆଣିଛନ୍ତି । ଏହାପୂର୍ବରୁ, 'ମିସେସ୍ ୱାର୍ଲ୍ଡ ୨୦୦୧' ରେ ଡ. ଆଦିତି ଗୋବିଟତ୍ରୀକର ଏହି ମୁକୁଟ ଜିତିଥିଲେ । ଏହି ମୁକୁଟ ଜିତିବାରେ ଆଦିତି ପ୍ରଥମ ଭାରତୀୟ ମହିଳା ହୋଇଥିଲେଛ ଆଦିତି ଜଣେ ଅଭିନେତ୍ରୀ ମଧ୍ୟ ହୋଇଛନ୍ତି, ସେ ଅନେକ ପ୍ରସିଦ୍ଧ ବଲିଉଡ୍ ଫିଲ୍ମରେ ମଧ୍ୟ କାମ କରିଛନ୍ତି ।



ସରଗମ୍ କୌଶଲ୍ ଜମ୍ମୁ କାଶ୍ମୀରର ବାସିନ୍ଦା । ସେ ୧୭ ସେପ୍ଟେମ୍ବର ୧୯୯୦ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କୁ ଏବେ ୩୨ ବର୍ଷ ହୋଇଥିବା ବେଳେ ସେ ଇଂରାଜୀ ସାହିତ୍ୟରେ ପୋଷ୍ଟ ଗ୍ରାଜୁଏସନ କରିଛନ୍ତି । ତାଙ୍କ ବାପାଙ୍କ ନାମ ଜିଏସ୍ କୌଶଲ ଏବଂ ମା'ଙ୍କ ନାମ ରୀମା ଖଜୁରିଆ । ତାଙ୍କର ମଧ୍ୟ ଜଣେ ସାନ ଭାଇ ଅଛନ୍ତି, ଯାହାଙ୍କ ନାଁ ମନ୍ଥନ କୌଶଲ । ପୂର୍ବରୁ ସରଗମ ବିଶାଖାପାଟନମ୍‌ରେ ଜଣେ ଶିକ୍ଷକ ଭାବରେ କାମ କରୁଥିଲେ । ଏହି ସମୟରେ ସେ ମଡେଲିଂକୁ ବହୁତ ଭଲ ପାଉଥିବାରୁ ମଡେଲିଂ ମଧ୍ୟ କରୁଥିଲେ । ତାଙ୍କ ବାପା ବ୍ୟାଙ୍କ ଅଫ୍ ଇଣ୍ଡିଆର ଜଣେ ଅବସରପ୍ରାପ୍ତ ମୁଖ୍ୟ ମ୍ୟାନେଜର୍ ଏବଂ ତାଙ୍କ ସ୍ୱାମୀ ଭାରତୀୟ ନୌସେନାରେ ଜଣେ ଅଧିକାରୀ ଭାବରେ କାମ କରୁଛନ୍ତି ।

# ଶୀତ ଦିନେ ଆଣ୍ଠୁ–ଗଣ୍ଠି ଓ ମାଂସପେଶୀ ଯନ୍ତ୍ରଣା

ଶୀତଋତୁ ଯୁବକଙ୍କ ପାଇଁ ମଉଜ୍ ମଜ୍‌ଲିସ୍ ଆଣିଦେଇଥିବା ବେଳେ ଏହା ଛୋଟ ପିଲା ଓ ବୃଦ୍ଧମାନଙ୍କ ପାଇଁ ଯନ୍ତ୍ରଣା ଆଣିଦିଏ । ବିଶେଷକରି ବୃଦ୍ଧମାନଙ୍କ ପାଇଁ, ଅନେକ ପ୍ରକାରର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଯେପରିକି ଗଣ୍ଠି ଯନ୍ତ୍ରଣା, ମାଂସପେଶୀ କଷ୍ଟ ଏହି ଋତୁରେ ଆରମ୍ଭ ହୁଏ । ତାପମାତ୍ରାରେ ପରିବର୍ତ୍ତନ ଏବଂ ଥଣ୍ଡା ପାଗ ହେତୁ ମାଂସପେଶୀ ଯନ୍ତ୍ରଣା ବଢିବାରେ ଲାଗେଛ ବୟସ ବଢିବା ସହିତ ଶରୀର ଏବଂ ହାଡରେ ରକ୍ତ ସଞ୍ଚାଳନର ଗତି ମନ୍ଥର ହେବାକୁ ଲାଗେ । ଯେଉଁଥିପାଇଁ ଆଣ୍ଠୁ, ପିଠା ଏବଂ ଆଙ୍ଗୁଠିରେ ଜଡତା ଏବଂ ଯନ୍ତ୍ରଣା ଅନୁଭବ ହୁଏ । ଏଥିସହ ଶରୀରରେ ଥିବା ତରଳ ପଦାର୍ଥର ଘନତା ହେତୁ ଏହି ସମସ୍ୟା ବଢିଯାଏ ବୋଲି ଜଣାପଡ଼ିଛି । ତେବେ ଆସନ୍ତୁ ଜାଣିବା ଶୀତ ସମୟରେ ଏହି ଯନ୍ତ୍ରଣାରୁ କିଭଳି ମୁକ୍ତି ପାଇବା ।

### ଯନ୍ତ୍ରଣାରୁ ମୁକ୍ତି ପାଇବାର ୬ ଉପାୟ:

**ସୂର୍ଯ୍ୟ କିରଣ:** ଶୀତଦିନେ ସୂର୍ଯ୍ୟ କିରଣର ଅଭାବ ହେତୁ ମାଂସପେଶୀରେ ଯନ୍ତ୍ରଣା ହୋଇଥାଏ । ଡକ୍ଟର ଚକୋରଙ୍କ ଅନୁଯାୟୀ, ମାଂସପେଶୀର ନମନୀୟତା କମିଯାଇ ମାଂସପେଶୀ ଯନ୍ତ୍ରଣା ବଢିଯାଏ । ରମନଜ୍ଜୁଲୁଙ୍କ ପରାମର୍ଶ ଅନୁଯାୟୀ ଦିନରେ ଯେତେସମ୍ଭବ ସୂର୍ଯ୍ୟ କିରଣର ସମ୍ମୁଖୀନ ହେବା ଉଚିତ ଯାହା ଦ୍ୱାରା ମାଂସପେଶୀ ଶକ୍ତିଶାଳୀ ହୋଇଥାଏ ।

**ହାଇଡ୍ରେସନ୍:** ଶୀତଦିନେ ନିଜକୁ ହାଇଡ୍ରେଟ୍ ରଖିବା ଅତ୍ୟନ୍ତ ଜରୁରୀ । ଅଧିକାଂଶ ଲୋକ ଶୀତଦିନେ ନିଜ ଶରୀରର ଆବଶ୍ୟକତା ଅନୁଯାୟୀ ପାଣି ପିଅନ୍ତି ନାହିଁ । ଏନେଇ ଗଣ୍ଠିରେ ଯନ୍ତ୍ରଣା ଅନୁଭବ ସହିତ ମାଂସପେଶୀରେ କଷ୍ଟ ହୁଏ ।

**ଖାଦ୍ୟ:** ଯଦି ଶୀତଦିନେ ବୃଦ୍ଧ କିମ୍ବା କୌଣସି ଯୁବକଙ୍କର ପାଦ ଏବଂ ହାତରେ କ୍ରମାଗତ ଯନ୍ତ୍ରଣା ହୁଏ, ତେବେ ଆପଣଙ୍କ ଖାଦ୍ୟରେ ଭିଟାମିନ୍ ସି, ଡି ଏବଂ କେ ଭରପୂର ରହିବା ଉଚିତ୍ । ଖାଦ୍ୟରେ ଅଧିକରୁ ଅଧିକ ପାଳଙ୍ଗ, କୋବି, ଟମାଟୋ ଏବଂ କମଳା ଖାଇବା ଦରକାର, ଯେଉଁଥିରୁ କ୍ୟାଲସିୟମ ଏବଂ ଲୌହ ବହୁ ପରିମାଣରେ ମିଳିଥାଏ ।

**ଜୀବନଶୈଳୀରେ ପରିବର୍ତ୍ତନ:** ଶୋଇବା ପୂର୍ବରୁ ଗରମ ପାଣିରେ ଗାଧୋଇଲେ ଅନେକ ଉପକାର ମିଳେ । ନିଦ ଭଲ ହେବା ପାଇଁ ଶୋଇବା ପୂର୍ବରୁ ଏକ ଗ୍ଲାସ୍ ଉଷୁମ କ୍ଷୀର ପିଇବାକୁ ଡକ୍ଟର ରମନଜ୍ଜୁଲୁ ପରାମର୍ଶ ଦେଇଛନ୍ତି ।

**ବ୍ୟାୟାମ:** ମାଂସପେଶୀକୁ ଆରାମ ଦେବା ଏବଂ ଗଣ୍ଠି ଯନ୍ତ୍ରଣାକୁ ଏଡ଼ାଇବା ପାଇଁ ଷ୍ଟ୍ରେଚିଂ ପରି ବ୍ୟାୟାମ ସବୁଠାରୁ ଭଲ । ଏହା ବ୍ୟତୀତ ନିୟମିତ ବ୍ୟାୟାମରେ ସାଇକେଲ ଚଲାଇବା, ଚାଲିବା, ଏରୋବିକ୍ସ ଏବଂ ପହଁରିବାକୁ ସାମିଲ କଲେ ଆଣ୍ଠୁର ମାଂସପେଶୀ ମଜବୁତ ହୋଇଥାଏ । ଏହା ଦ୍ୱାରା ଏସବୁ ସୁସ୍ଥ ଏବଂ ନମନୀୟ ରୁହେ ବୋଲି ଡାକ୍ତର କହିଛନ୍ତି ।

**କାର୍ଯ୍ୟକଳାପରେ ଯତ୍ନବାନ:** ଅନେକ ସମୟରେ କାମ ସମୟରେ ଖରାପ ସ୍ଥିତି କିମ୍ବା ଦୀର୍ଘ ସମୟ ଧରି ବସିବା କିମ୍ବା ଭାରି ଜିନିଷ ଉଠାଇବା ଦ୍ୱାରା ମେରୁଦଣ୍ଡର ଗଣ୍ଠିରେ ଯନ୍ତ୍ରଣା ହେବା ସହିତ ପିଠି ଯନ୍ତ୍ରଣା ମଧ୍ୟ ହୋଇଥାଏ । ଶୀତଦିନେ ଏହା ଅଧିକ ହୋଇପାରେ, ତେଣୁ ମେରୁଦଣ୍ଡଜନିତ ଯନ୍ତ୍ରଣାକୁ ରୋକିବା ପାଇଁ ଜଣେ ଦୈନନ୍ଦିନ ନିଜ କାର୍ଯ୍ୟକଳାପ ପ୍ରତି ଯତ୍ନବାନ ହେବା ଉଚିତ୍ ।



# ଭଗବାନଙ୍କ ଭରସାରେ ଗୁଣୁପୁର ଚିକିତ୍ସାଳୟ




ଗୁଣୁପୁର/ ରାୟଗଡା: ଜିଲ୍ଲାର ବୃହତ୍ତମ ଉପଖଣ୍ଡ ଗୁଣୁପୁର ହୋଇଥିବା ବେଳେ ଏଠାରେ ଥିବା ଉପଖଣ୍ଡ ଚିକିତ୍ସାଳୟରେ ନାହାଁନ୍ତି ଡାକ୍ତର । କେବଳ ଯେ ଡାକ୍ତର ଅଭାବ ତା ନୁହେଁ ଚିକିତ୍ସାଳୟ ସହ ଜଡିତ ବିଭିନ୍ନ ବିଭାଗର କର୍ମଚାରୀଙ୍କ ମଧ ଘୋର ଅଭାବ ରହିଛି । ମିଳିଥିବା ସୂଚନା ଅନୁସାରେ ଏଠାରେ ମୋଟ ୧୯ ଜଣ ସ୍ଥାୟୀ ଡାକ୍ତର ରହିବା କଥା ହେଲେ ଅଛନ୍ତି ମାତ୍ର ୬ ଜଣ । ଏଥିରୁ ଅତିଥି ଡାକ୍ତର ଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି ୫ ଜଣ । ଭେଷଜ ଡାକ୍ତର ଉଚ୍ଚ ଶିକ୍ଷାପାଇଁ ଚାଲିଯିବା ପରେ ଏବେ କେବଳ ଅତିଥି ଡାକ୍ତରଙ୍କ ଭରସାରେ ରୋଗୀ । ଏଠାରେ ଭେଷଜ, ଶିଶୁ, ଅସ୍ଥିଶଲ୍ୟ, ଦାନ୍ତ, ନିଶ୍ଚେତକ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଜଣେ ହେଲେ ବି ବିଶେଷଜ୍ଞ ଡାକ୍ତର ନାହାନ୍ତି । ୩୮ ଜଣ ନର୍ସଙ୍କ ବଦଳରେ ୨୩ ଏଥିମଧ୍ୟରୁ ୮ ଜଣ ଅନ୍ୟତ୍ର କାର୍ଯ୍ୟରତ ଅଛନ୍ତି । ୭ ଜଣ ଲ୍ୟାବ ଟେକ୍ନିସିଆନ ରହିବା ବଦଳରେ ୩ ଜଣରେ କାମ ଚାଲୁଛି । ରଞ୍ଜନ ରଶ୍ମି ବିଭାଗରେ ୩ ଜଣ ପରିବର୍ତ୍ତେ ମାତ୍ର ଜଣେବ୍ୟକ୍ତି କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଏଭଳି ନାହିଁ ନାହିଁରେ ଅତି ଦହନୀୟ ଅବସ୍ଥାରେ ଗତି କରୁଛି ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟ । ମୋଟ ୭ ଗୋଟି ବ୍ଲକ୍ ବାସିନ୍ଦାଙ୍କ ସହ ପଡୋଶୀ ଗଜପତି ଓ ଆନ୍ଧ୍ରର କିଛି ଲୋକେ ଏହି ଡାକ୍ତରଖାନା ଉପରେ ନିର୍ଭର କରୁଥିବା ବେଳେ ସରକାରୀ ଉଦାସୀନତା ଓ ଜିଲ୍ଲା ପ୍ରଶାସନର ଅଣଦେଖା ଯୋଗୁଁ ସାଧାରଣ ରୋଗୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସାମାନ୍ୟ କିଛି ହେଲେ ସଙ୍ଗେ ସଙ୍ଗେ ଅନ୍ୟତ୍ର ରେଫର କରାଯାଉଛି । ତେଣୁ ଏହାକୁ ରେଫର ମେଡ଼ିକାଲ ନାମରେ ଜନସାଧାରଣ କହୁଥିବା ଚର୍ଚ୍ଚା ହେଉଛି । ଏହି ରେଫର ମେଡିକାଲର ସ୍ଥିତି ନ ସୁଧୁରିଲେ ଏକ ବଡ଼ ଧରଣର ଆନ୍ଦୋଳନ କରିବା ପାଇଁ ସ୍ଥାନୀୟ ବାସିନ୍ଦା ସଜବାଜ ହେଉଥିବା ଆଭାସ ମିଳୁଛି ।


# ବିଶ୍ୱକର୍ମା ମନ୍ଦିରକୁ ଭାଙ୍ଗିଲା ସ୍ଥାନୀୟ ପ୍ରଶାସନ



ଖଡ଼ିଆଳ/ନୂଆପଡା: ଖଡ଼ିଆଳ ସହର ଆମ୍ବେଦକର ଛକ ନିକଟରେ ଥିବା ବିଶ୍ୱକର୍ମା ମନ୍ଦିରକୁ ଜେସିବି ଲଗାଇ ଭାଙ୍ଗି ଦେଇଛି ପ୍ରଶାସନ । ସରକାରୀ ଜମିକୁ ଜବରଦଖଲ କରି ମନ୍ଦିର ତିଆରି କରାଯାଇଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଖଡ଼ିଆଳ ତହସିଲଦାର ସିନ୍ଧୁସୁତା ପାତ୍ରଙ୍କ ଉପସ୍ଥିତରେ ମନ୍ଦିରକୁ ଭଙ୍ଗା ଯାଇଥିଲା । ଏହି ସମୟରେ ମନ୍ଦିର ଟ୍ରଷ୍ଟର କର୍ମକର୍ତ୍ତା ପ୍ରବଳ ବିରୋଧ କରି ପ୍ରଶାସନ ପାତର ଅନ୍ତର ନୀତି ଅବଲମ୍ବନ କରି ମନ୍ଦିରକୁ ଭାଙ୍ଗୁଥିବା ଅଭିଯୋଗ କରିଥିଲେ । ନୂଆପଡା ଜିଲ୍ଲାର ଏକମାତ୍ର ବିଶ୍ୱକର୍ମା ଟ୍ରଷ୍ଟକୁ ସରକାରୀ ଜମିରେ ତିଆରି କରାଯାଇଛି ବୋଲି ଭାଙ୍ଗି ଦିଆଯାଇଛି । ହେଲେ ଖଡ଼ିଆଳ ସହରରେ ଅନେକ ବ୍ୟକ୍ତି ବିଶେଷ ସରକାରୀ ଜମି ଅକ୍ତିଆର କରିଛନ୍ତି । ଅନେକ ସଂଗଠନ ସରକାରୀ ଜମିରେ ଅନୁଷ୍ଠାନ ମାନ ନିର୍ମାଣ କରି ଗୃହ ନିର୍ମାଣ କରିଛନ୍ତି । ସେହି ଅନଧିକୃତ ସଂଗଠନ ମାନଙ୍କୁ ପ୍ରଶାସନ କେବେ ଭାଙ୍ଗିବ ବୋଲି ବିଶ୍ୱ କର୍ମା ଟ୍ରଷ୍ଟର ସମ୍ପାଦକ ଶ୍ରୀବସ୍ତ ବାରିକ ପ୍ରଶ୍ନ କରିଛନ୍ତି । ମନ୍ଦିର ଭଙ୍ଗାଯିବା ସମୟରେ ଖଡ଼ିଆଳ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ଖଡ଼ିଆଳ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି,ଏନ୍‌ଏସି କର୍ମଚାରୀ, ବ୍ୟାପକ ପୋଲିସ୍ ମୁତୟନ ଥିଲେ । ଦାୟିତ୍ୱରେ ଥିବା ଖଡ଼ିଆଳ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରଙ୍କୁ ଯୋଗାଯୋଗ କରାଯାଇଥିଲା । ରାଜା ଏଟି ସ୍କୁଲ ପାଖରେ ୧୨ ଡିସମିଲ ଜାଗାକୁ ଭଙ୍ଗା ଯାଇଛି ବୋଲି ଏନେସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚର୍ଯ୍ୟ କହିଛନ୍ତି ।

ପ୍ରତିଯୋଗିତାମୂଳକ ପରୀକ୍ଷାରେ ଇଂଲିଶ୍ ବାକ୍ୟର ବ୍ୟାକରଣଜନିତ ଭ୍ରମ ସଂଶୋଧନ ଏକ ଅନିର୍ବାର୍ଯ୍ୟ ଅଙ୍ଗ। ଛାତ୍ରୀଛାତ୍ରଙ୍କ ବ୍ୟାକରଣ ଜ୍ଞାନ ବୃଦ୍ଧି ସକାଶେ ଆଧାର ଓଡ଼ିଶା ତରଫରୁ ଏହି ସ୍ତମ୍ଭକୁ ପ୍ରସ୍ତୁତ କରୁଛନ୍ତି ପ୍ରାଧ୍ୟାପକ ପ୍ରମୋଦ କୁମାର ରଥ।

**ଶିକ୍ଷା**



# Correction of Errors

Wrong : Please inform to the students of the matter.
Right : Please inform the students of the matter.
Wrong : Egypt is called the gift of Nile River.
Right : Egypt is called the gift of the Nile River.
Wrong : Who had written this play?
Right : Who wrote this play? (Usually this type of question is put in Simple past tense)
Wrong : Sunday will be a holiday.
Right : Sunday is a holiday.
Wrong : She is in work.
Right : She is at work.
Wrong : The bowler is returning with bowed head to the pavilion End.
Right : The bowler is returning to the pavilion End with bowed head.('return' is a verb of movement. So it is immediately followed by 'adverb of place'.
Wrong : Eggs are sold in dozens.
Right : Eggs are sold by dozens.
Wrong : He gave a speech.
Right : He made a speech.
Wrong : He travelled abroad in air.
Right : He travelled abroad by air.
Wrong : What's wrong in you?
Right : What's wrong with you?

# ମରଣଯନ୍ତା ପାଲଟିଛି ବ୍ରିଟିଶ ଅମଳର ସେତୁ

ରଣପୁର: ସେତୁ ବ୍ରିଟିଶ ଅମଳର । ଶହେ ବର୍ଷ ହେବ ସେମିତି ଭାର ସମ୍ଭାଳି ଆସୁଛି । ବେଳକୁ ବେଳ ଭାର ବଢ଼ିଚାଲିଛି ସିନା, ସେତୁର ମରାମତି ହେଉନି । ଫଳରେ ତାହା ଏବେ ମରଣଯନ୍ତା ପାଲଟିଛି । କେତେବେଳେ ବି ବଡ଼ ଅଘଟଣ ଘଟିପାରେ । ଏ କଥା ସ୍ଥାନୀୟ ପ୍ରଶାସନ ଜାଣିଥିଲେ ସୁଦ୍ଧା ପଦକ୍ଷେପ ଶୂନ । ସେପଟେ ୬ ବର୍ଷ ହେବ ଭିତ୍ତିପ୍ରସ୍ତର ସ୍ଥାପନରେ ରହିଯାଇଛି ନୂତନ ସେତୁର ନିର୍ମାଣ କାମ । ରଣପୁର ବ୍ଲକ ଚମ୍ପଣ୍ଡିପୁର ଗାଁ ଦେଇ ବହିଯାଇଛି ମଲାଗୁଣି ନଦୀ । ଆଉ ବ୍ରିଟିଶ ଅମଳରୁ ନଦୀ ଛାତିରେ ଛିଡ଼ା ହୋଇଛି ଏହି ସେତୁ । ଏହି ଶହେ ବର୍ଷର ସେତୁର ତଳ ଫାଟି ଆଁ କରିଛି । ମାଙ୍କଡ଼ା ପଥରରେ ନିର୍ମିତ ପିଲାରରୁ ପଲସ୍ତରା ଛାଡ଼ି ଯାଇଛି । ସେତୁ ଉପରେ ଭାରିଯାନ ଚଢିବା ମାତ୍ରେ ତାହା ଦୋହଲୁଛି । ଏନେଇ ସ୍ଥାନୀୟ ବାସିନ୍ଦା ବାରମ୍ବାର ଅଭିଯୋଗ କଲେ ସୁଦ୍ଧା ଚୁପ ବସିଛି ସ୍ଥାନୀୟ ପ୍ରଶାସନ । ତେବେ ସେତୁଟି ରଣପୁରକୁ ସିଧା ସୁନାଖଳା, ବୋଲଗଡ଼, ଟାଙ୍ଗୀ ସହ ନୟାଗଡକୁ ଯୋଡୁଥିବାରୁ ପ୍ରତିଦିନ ବିପଦସଙ୍କୁଳ ଅବସ୍ଥାରେ ଯାତାୟତ କରୁଛି ଶହ ଶହ ଗାଡ଼ି । ଏ ବିପଦକୁ ସମସ୍ତେ ବୁଝୁଛନ୍ତି ଆଉ ଜାଣୁଛନ୍ତି । କିନ୍ତୁ କିଛି ବିକଳ୍ପ ବାଟ ନ ଥିବାରୁ ଲୋକେ ଭାଗ୍ୟକୁ ଆଦରି ଯା'ଆସ କରୁଛନ୍ତି । ବଡ଼ ଅଘଟଣ ଆଶଙ୍କାକୁ ବାରୁଥିବା ସତ୍ତ୍ୱେ ପ୍ରଶାସନ କି ପୂର୍ତ୍ତ ବିଭାଗ ଏହାକୁ ତୁରନ୍ତ କାମକରୁନାହାନ୍ତି । ଅନ୍ୟପକ୍ଷେ ନୂତନ ସେତୁ ପାଇଁ ୨୦୧୬ରେ ୬ କୋଟି ମଞ୍ଜୁର ହୋଇ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ନିର୍ମାଣ କାମ ଆରମ୍ଭ ହୋଇନାହିଁ । ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ । ଆଗାମୀ ଦିନରେ ଏହାର ସ୍ଥାୟୀ ସମାଧାନ କରାନଯାଏ । ଗ୍ରାମବାସୀ ମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ଭଙ୍ଗା ଘରେ ବିପଦ ସଙ୍କୁଳ ଅବସ୍ଥାର ପଢୁଛନ୍ତି ପିଲା

ଦେବଗଡ଼: ସ୍ମାର୍ଟ ସ୍କୁଲରେ ସ୍ମାର୍ଟ ଢାଞ୍ଚାରେ ପାଠ ପଢିବେ ଛାତ୍ରଛାତ୍ରୀ । ସରକାର ହାତକୁ ନେଇଛନ୍ତି ଅନେକ ଯୋଜନା । ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା । ମାତ୍ର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ । ଶ୍ରେଣୀ ଗୃହ ନଥିବାରୁ ପାଲ ଟଣା ଅର୍ଦ୍ଧ ନିର୍ମିତ ଘରେ ଚାଲିଛି ପାଠପଢା । ଆଜିକୁ ଗୋଟିଏ ବର୍ଷ ହେଲା ଏଭଳି ବିପଦପୂର୍ଣ୍ଣ ଭାବେ ଚାଲିଛି ଶିକ୍ଷାଦାନ । ତଥାବି ଦେବଗଡ ଜିଲ୍ଲା ଘୁରୁଡୁଖମଣ ପ୍ରାଥମିକ ବିଦ୍ୟାଳୟ ଉପରେ ଜିଲ୍ଲା ପ୍ରଶାସନର ନିଘା ନାହିଁ । ଅଧାଗଢା ଶ୍ରେଣୀ କୋଠରୀରେ ଛାତ୍ରଛାତ୍ରୀଙ୍କୁ ପାଠ ପଢାଉଛନ୍ତି ଶିକ୍ଷକ । ଛାତ ବଦଳରେ ମୁଣ୍ଡ ଉପରେ ଖଣ୍ଡେ ମାତ୍ର ପାଲ ଟଣା ହୋଇଛି । କେବଳ ଏତିକି ନୁହେଁ ସ୍କୁଲ ବାରଣ୍ଡାରେ ବି ପିଲା ପାଠ ପଢୁଛନ୍ତି । ସେପଟେ ରୋଷେଇ ଘର ଅଭାବରୁ ଖୋଲା ଆକାଶ ତଳେ ମଧ୍ୟାହ୍ନ ଭୋଜନ ରୋଷେଇ ହେଉଛି । ଏଭଳି ଅବ୍ୟବସ୍ଥା ଭିତରେ ଗତି କରୁଛି ଦେବଗଡ ଜିଲ୍ଲା ବାରକୋଟ ବ୍ଲକ ଘୁରୁଡୁଖମଣ ପ୍ରାଥମିକ ବିଦ୍ୟାଳୟ । ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏଁ ୭୩ ଜଣ ଛାତ୍ରଛାତ୍ରୀ ଥିବା ବେଳେ ୪ ଜଣ ଶିକ୍ଷକ ନିଯୁକ୍ତ ହୋଇଛନ୍ତି । କିନ୍ତୁ ଗୋଟିଏ ମାତ୍ର ଶ୍ରେଣୀ ଗୃହ ଥିବାରୁ ପାଠପଢାରେ ବାଧା ଉପୁଜୁଥିବା ଅଭିଯୋଗ ହେଉଛି । ଗୋପାଳପାଲି ପ୍ରାଥମିକ ବିଦ୍ୟାଳୟ ବନ୍ଦ ଘୋଷଣା ପରେ ଘୁରୁଡୁଖମଣ ବିଦ୍ୟାଳୟରେ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଗୋଟିଏ ଶ୍ରେଣୀ କୋଠରୀରେ ପାଠ ପଢାଇବା ସମ୍ଭବ ହେଉନି । ବାଧ ହୋଇ ସ୍କୁଲ୍ ବାରଣ୍ଡା ଏବଂ ଅର୍ଦ୍ଧନିର୍ମିତ ଘର ଭିତରେ ବସୁଛନ୍ତି ଛାତ୍ରଛାତ୍ରୀ । ସେପଟେ ଅର୍ଦ୍ଧନିର୍ମିତ ଶ୍ରେଣୀ କଠୋରୀ ସମ୍ପୂର୍ଣ୍ଣ କରିବାକୁ ବ୍ଲକ୍ ପ୍ରଶାସନ ଧ୍ୟାନ ଦେଉନାହାନ୍ତି । ଏନେଇ ଗ୍ରାମବାସୀ ବାରମ୍ବାର ଦାବି ଜଣାଇଥିଲେ ମଧ୍ୟ କେହି ଶୁଣୁନାହାନ୍ତି । ବିଡିଓଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ଶ୍ରେଣୀ ଗୃହ ନିର୍ମାଣ କରାଯିବ କହିଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ ।

# ବିଦ୍ୟୁତ୍ ଟାୱାର ନିର୍ମାଣକୁ ବିରୋଧ କରି ୧୨ ଘଣ୍ଟିଆ ବନ୍ଦ



ବିନିକା/ସୁବର୍ଣ୍ଣପୁର: ବିନିକା ସହର ମଧ୍ୟରେ ଓପିଟିସିଏଲ୍ ପକ୍ଷରୁ ୨୨୦ କେଭି ଏକ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ ଟାୱାର ନିର୍ମାଣ ପ୍ରସ୍ତାବକୁ ବିରୋଧ କରି ବିନିକା ସ୍ୱାଭିମାନ ମଞ୍ଚ ପକ୍ଷରୁ ବୁଧବାର ଶାନ୍ତିପୂର୍ଣ୍ଣ ଭାବରେ ୧୨ ଘଣ୍ଟିଆ ବିନିକା ବନ୍ଦ ସଫଳ ହୋଇଛି । ସହରବାସୀଙ୍କ ସପକ୍ଷରେ ବିଚାର ଆସନ୍ତା ୨୪ ଘଣ୍ଟା ଭିତରେ ଦାବି ପୁରଣ ନେଇ ବିନିକା ତହସିଲଦାରଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ବନ୍ଦକୁ ସର୍ବଦଳୀୟ କର୍ମକର୍ତ୍ତା ଓ ଜନସାଧାଣ ପୂର୍ଣ୍ଣ ମାତ୍ରାରେ ସମର୍ଥନ ଦେଇଥିଲେ । ୧୨ ଘଣ୍ଟିଆ ବନ୍ଦ ସଫଳରେ ସମସ୍ତ ସ୍କୁଲ, କଲେଜ, ସରକାରୀ, ବେସରକାରୀ ଅଫିସ୍, ଦୋକାନ, ବଜାର ବନ୍ଦ ହୋଇଥିଲ । କେବଳ ଗାଡ଼ି ମୋଟର ଚଳାଚଳ କରିବା ଜରୁରୀକାଳୀନ ସେବା ଓ କୋର୍ଟ ବନ୍ଦରୁ ବାଦ୍ ଦିଆଯାଇଥିଲା । ଏନେଇ ସମସ୍ତ କର୍ମକର୍ତ୍ତା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ଛିଡ଼ାହୋଇ ଅଧିକାରୀ ମାନଙ୍କୁ ହାତଯୋଡ଼ି ଫେରାଇ ଦେଇଥିଲେ । ବିଭିନ୍ନ ଅଫିସରେ ରହି ପ୍ରସ୍ତାବିତ ଉଚ୍ଚ ଶକ୍ତିସମ୍ପନ୍ନ ଟାୱାର ନିର୍ମାଣକୁ ଅନ୍ୟତ୍ର ହଟାଅ ଓ ବିନିକା ବଞ୍ଚାଅ ତଥା ବିଭିନ୍ନ ନାରାଦେଇ କାର୍ଯ୍ୟାଳୟ ସମ୍ମୁଖ ମାନଙ୍କରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

ପରେ ସନ୍ଧ୍ୟାରେ ଓପିଟିସିଏଲ ଟାୱାରକୁ ବିରୋଧ କରି ବିନିକା ସ୍ୱାଭିମାନ ମଞ୍ଚ ତରଫରୁ ଗତ ମଙ୍ଗଳବାର ଦିନ ଜିଲ୍ଲା ପ୍ରଶାସନ ଦୃଷ୍ଟି ଗୋଚରପାଇଁ ତହସିଲ କାର୍ଯ୍ୟାଳୟ ତାଲାଦେଇ ବିକ୍ଷୋଭ ଓ ବୁଧବାର ଦିନ ଶାନ୍ତିପୂର୍ଣ୍ଣ ବିନିକା ୧୨ ଘଣ୍ଟିଆ ବନ୍ଦ କରାଯଇଥିଲା । ଏଣୁ ଯୋରଜବରଦସ୍ତି ଓପିଟିସିଏଲ ସଂସ୍ଥା ଟାୱାର ନିର୍ମାଣ ପାଇଁ ଯେଉଁ ଆଭିମୁଖ୍ୟକୁ ବିରୋଧ କରିବା ସଂଗେ ବିନିକା ଏନଏସି ଏରିଆରୁ ତାକୁ ସ୍ଥାନା ପରିବର୍ତ୍ତନ କରିବାକୁ ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ଏଥିରେ କଂଗ୍ରେସ ନେତା ନରେନ୍ଦ୍ର ପଣ୍ଡା, ପ୍ରଦିପ ସେଠୀ, ଉମାକାନ୍ତ ଦିପ, ବିଜେପି ନେତା ପ୍ରଶାନ୍ତ ଦଣ୍ଡସେନା, ବସନ୍ତ କୁମାର ସୁବୁଦ୍ଧି,ଅଜିତ ପଣ୍ଡା, ମୁନ୍ତାଜ ପଣ୍ଡା, ସମ୍ବିତ ନେପାକ, ମନୋଜ ମିଶ୍ର, ମହେନ୍ଦ୍ର ଥନାପତି, ସୁମନ୍ତ ସାହୁ, କୁଶ ଭୋଇ,ବିଶେଶ୍ୱର ସେଠୀ, ଆଲୋକ ହୋତା, ଧର୍ମେନ୍ଦ୍ର ସାହୁ, ଅକ୍ଷୟ ମହାନ୍ତି, ସୁଶିଲ ହୋତା, ବବୁଲ ଅଗ୍ରୱାଲ, ପ୍ରଦିପ କୁମାର ମେହେର, ସମେତ ଶତାଧିକ ବିନିକା ସ୍ୱାଭିମାନ ମଞ୍ଚ କର୍ମକର୍ତ୍ତା ସାମିଲ ଥିଲେ ।

# ଖୋଲାହେଲା ମା' ମଝିଘରିଆଣିଙ୍କ ଦାନହୁଣ୍ଡି

ରାୟଗଡା: ରାୟଗଡାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣିଙ୍କ ହୁଣ୍ଡି କଡା ସୁରକ୍ଷା ମଧ୍ୟରେ ଚାରି ମାସ ପରେ ଖୋଲାଗଲା । ହୁଣ୍ଡିରୁ ପୁଳା ପୁଳା ଟଙ୍କା ସହ ବାହାରିଲା ସୁନା ଅଳଙ୍କାର ଓ ବିଦେଶୀ ନୋଟ, ଆଠଗୋଟି ହୁଣ୍ଡିର ଟଙ୍କା ଗଣତି ଚାଲିଛି । ଏହି ଗଣତିରେ ରାୟଗଡାର ଶ୍ରୀ ଭେଙ୍କଟେଶ୍ୱର ସେବା ସମିତିର ସଭ୍ୟ ଓ ଜେ.କେ.ପୁର ଶ୍ରୀ ସତ୍ୟସାଇ ସେବାସମିତିର ସଭ୍ୟ ନିୟୋଜିତ ହୋଇଛନ୍ତ । ହୁଣ୍ଡିରୁ ଟଙ୍କା, ସୁନା, ଅଳଙ୍କାର ସହ ଦେଶୀ ନୋଟ ମଧ୍ୟ ବାହାରିଛି । ଗତ ଅଗଷ୍ଟ ମାସରେ ହୁଣ୍ଡି ଖୋଲାଯାଇଥିଲା । ଏହି ସମୟରେ ପ୍ରାୟ ୧ କୋଟି ୨୩ ଲକ୍ଷ ଟଙ୍କା ସହ ୧୦୪ ଗ୍ରାମ ସୁନା ଓ ୨ କେଜି ରୁପା ବାହାରିଥିଲା । ଓଡ଼ିଶା ତଥା ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ଭକ୍ତମାନେ ଆସିଥାନ୍ତି ମାଙ୍କୁ ଦର୍ଶନ କରିବା ନିମନ୍ତେ । ସେମାନେ ଦାନ ଆକାରରେ ଏହି ଟଙ୍କା ଓ ସୁନାକୁ ହୁଣ୍ଡିରେ ପକାଇଥାନ୍ତି ଓ ଏହି ଟଙ୍କା ବିଭିନ୍ନ ଉର୍ଣ୍ଣାୟନ ମୂଳକ କାର୍ଯ୍ୟରେ ଲାଗିଥାଏ । ରାୟଗଡାର ଅଧିଷ୍ଠାତ୍ରୀ ଦେବୀ ମା ମଝିଘରିଆଣି ମାଙ୍କ ହୁବଣ୍ଡିରୁ ବାହାରିଲା ମାତ୍ର ୬୨ଲକ୍ଷ ୨୨ହଜାର ଟଙ୍କା ଏବଂ ୪୬ ଗ୍ରାମ ସୁନା.୧ କିଲୋ ୭୭୫ ଗ୍ରାମରୂପ ବାହାରି ଥିବାର ଜଣାପଡିଛ । ଚାରି ମାସପରେ ଆଜି ପୋଲିସର କଡା ସୁରକ୍ଷା ମଧ୍ୟରେ ମନ୍ଦିରର ଆଠଗୋଟି ହୁଣ୍ଡି ଖୋଲାଯାଇଥିଲା ।



# କରତକଳ ଉପରେ ଚଢ଼ାଉ

ପିପିଲି: ବୁଧବାର ବାଲିପାଟଣା ବନବିଭାଗ ତରଫରୁ ଚୋରା କରତ କଳ ଉପରେ ଅଚାନକ ଚଢାଉ କରାଯାଇ ଲକ୍ଷାଧିକ ଟଙ୍କାର ଯନ୍ତ୍ରାସ ଜବତ କରାଯାଇଛ । କରତ କଳ ଉପରେ ଚଢାଉ ହେଉଥିବା ଜାଣି ଏହି ଅଞ୍ଚଳରେ ଥିବା ଚୋରା କରତ କଳ ମାଲିକ ମାନେ ଛାନିଆ ହେବା ସହିତ ହଡବଡ ହୋଇଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି । ସୂଚନା ଅନୁଯାଇ ବଳଙ୍ଗା ଥାନା ଅଞ୍ଚଳରେ ୪ /୫ ଗୋଟି ଚୋରା କରତ କଳ ବେଆଇନ ଭାବରେ ଚାଲିଥିବା ବେଳେ ବାଲିପାଟଣା ବନବିଭାଗ ମାସିକ ଅର୍ଥନେଇ ସମ୍ପୂର୍ଣ୍ଣ ଆଖିବୁଜି ଦେଇଥିଲା । ଯାହାକି ଏହି କରତ କଳକୁ ବହୁ ମୂଲ୍ୟବାନ କାଠଆସି ରାତା ରାତି ଚିରାଯାଇ ଜିଲ୍ଲା ସମେତ ଅନ୍ୟ ଜିଲ୍ଲାକୁ ଚାଲାଣ କରାଯାଇଥାଏ । ଏହି ସମସ୍ୟା ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଇ ଥିବାବେଳେ ବନବିଭାଗ ଏଥିପ୍ରତି କିଭଳି ନଜର ଦେଇ ଆଜି ବଳଙ୍ଗା ଥାନା ଅଧୀନ ଚନ୍ଦ୍ରାଦେଇପୁର ଗ୍ରାମରେ ଥିବା ଏକ ଚୋରା କରତକଳ ଉପରେ ଚଢାଉ କରି ଲକ୍ଷାଧିକ ଟଙ୍କାର ଯନ୍ତ୍ରାସ ଜବତ କରିଥିବା ବେଳେ ଏହି ଅଞ୍ଚଳରେ ଥିବା ଅନ୍ୟ କରତକଳ ଉପରେ ଚଢାଉକଲେ ନାହିଁ କାହିଁକି ? ବାଲିପାଟଣା ବନବିଭାଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଗୁଣପୁର: ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ଇଂଜିନିୟରିଙ୍ଗ ଆଣ୍ଡ ଟେକ୍ନୋଲୋଜି ଡିନ୍ ଏବି ଶ୍ରୀନିବାସ ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରର ଶୁଭ ଉଦଘାଟନ କରିଥିଲେ । ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ଼ଃ ଏନ୍. ଭି. ଜଗନ୍ନାଧା ରାଓ, ଡିନ ଏକାଡ଼େମୀକସ ଡ଼ଃ ଏ ଭି ଏନ୍ ଏଲ୍ ଶର୍ମା, ପରୀକ୍ଷା ନିରୀକ୍ଷକ ପି ବିଜୟ କୁମାର, ଡାକ୍ତର ଏସ୍.ଏସ୍ ପାଢ଼ୀଙ୍କ ସମେତ ବିଶ୍ୱବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଉପସ୍ଥିତ ରହି ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ । ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ପ୍ରେମାନଶୁ ଶେଖର ରଥ ପ୍ରମୁଖ ଶିବରକୁ ପରିଚାଳନା କରିଥିଲେ । ଗୁଣୁପୁର ରକ୍ତ ଭଣ୍ଡାରର ଡାକ୍ତର ଶାଶ୍ୱତ ପରିଡା, ଟେକ୍ନିସୀୟାନ ରାକେଶ କୁମାର ପଣ୍ଡା, ସୁରୁଚି ପାତ୍ର,ଗୌରୀ ଶଙ୍କର ବ୍ରହ୍ମା, ରାଧାକାନ୍ତ ମହାନ୍ତି ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଏହି ଶିବିରରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ଉତ୍ସାହ ସହ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ ।

# ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ

ସୁବର୍ଣ୍ଣପୁର: ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ତଥା ନିର୍ବାଚନ ପର୍ଯ୍ୟବେକ୍ଷକ ଡ଼ଃ ସୁରେଶ ଚନ୍ଦ୍ର ଦଳେଇ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାର ନିର୍ବାଚନ ସମ୍ବନ୍ଧୀୟ ୧୭ ବର୍ଷରୁ ଉର୍ଦ୍ଧ ବୟସ୍କଙ୍କ ନୂତନ ଭୋଟର ପଞ୍ଜିକରଣ କାର୍ଯ୍ୟକ୍ରମ ଅଗ୍ରଗତିର ସମୀକ୍ଷା କରିଛନ୍ତି । ଜିଲ୍ଲାପାଳ ସୁବର୍ଣ୍ଣପୁରଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ରାଜସ୍ୱ ଆୟୁକ୍ତ ତଥା ନିର୍ବାଚନ ପର୍ଯ୍ୟବେକ୍ଷକ ଡ଼ଃ ଦଳେଇ ଜିଲ୍ଲାର ନୂତନ ଭୋଟର ପଞ୍ଜିକରଣର ସ୍ଥିତି, ଅଗ୍ରଗତି ଓ ଆଧାର ସଂଯୋଗୀ କରଣ ସହ ମୃତ ଓ ସ୍ଥାନାନ୍ତର ଭୋଟରଙ୍କୁ ତାଲିକାରୁ ବାଦ କରିବା ଉପରେ ବିଶେଷ ଆଲୋଚନା କରି ଜିଲ୍ଲାର ନୂତନ ଭୋଟର ପଞ୍ଜିକରଣକୁ ଶତ ପ୍ରତିଶତ ସଫଳ କରିବାକୁ ପରାମର୍ଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଅବୋଲି ସୁନୀଲ ନରୱଣେ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟ ନାରାୟଣ ଦାଶ, ଅତିରିକ୍ତ ଜିଲ୍ଲାପାଳ ନିଶି ପୁନମ ମିଞ୍ଜ, ଉପଜିଲ୍ଲାପାଳ ବୀରମହାରାଜପୁର ଅଶୋକ ଭୋଇ, ଡେପୁଟି କଲେକ୍ଟର ଯଶସ୍ୱିନୀ ପୃଥାଲ,ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଦହଗଞ୍ଜି ମହକିଲ...

ଏହି ଟିମ୍ ଜାନୁଆରୀ ୧୫ ତାରିଖ ଭିତରେ ବିସିଆଇକୁ ରିପୋର୍ଟ ଦେବ । ଅନ୍ୟପକ୍ଷରେ ସମ୍ବଲପୁର ବାର୍‌ର ଏଇ ନିଲମ୍ବିତ ସଦସ୍ୟମାନେ ଫେବ୍ରୁଆରୀ ୧୫ ସୁଦ୍ଧା ବିସିଆଇର ସଚିବଙ୍କ ପାଖରେ ନିଜ ପକ୍ଷ ରଖିପାରିବେ । ଏପଟେ ପ୍ରଥମଥର ପାଇଁ ସମ୍ବଲପୁର କୋର୍ଟରେ ଏଭଳି ଅଭାବନୀୟ ସ୍ଥିତି ଲାଗି ରାଜ୍ୟ ସରକାରଙ୍କୁ ଦାୟୀ କରି ବର୍ଷିଛି ବିଜେପି । ନୂଆଦିଲ୍ଲୀରେ ଦଳର ପଶ୍ଚିମ ଓଡ଼ିଶାର ସାଂସଦମାନେ ପ୍ରେସମିଟ୍ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅଭିଯୋଗ କରିଛନ୍ତି ଯେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନିର୍ଦ୍ଦିଷ୍ଟ ଅଞ୍ଚଳର ଏକ ସ୍ୱର୍ଣ୍ଣକାତର ଦାବି କିନ୍ତୁ ରାଜ୍ୟ ସରକାରଙ୍କ ନିରବତା ଯୋଗୁଁ ଏଭଳି ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି । ସାଂସଦମାନେ ଦର୍ଶାଇଛନ୍ତି ଯେ ବେଞ୍ଚ ପ୍ରତିଷ୍ଠା ନେଇ କେନ୍ଦ୍ର ଆଇନମନ୍ତ୍ରୀ ଚିଠି ଲେଖି ରାଜ୍ୟ ସରକାରଙ୍କୁ ପୂର୍ଣ୍ଣାଙ୍ଗ ରିପୋର୍ଟ ମାଗିଥିଲେ କିନ୍ତୁ ରାଜ୍ୟ ସରକାରଙ୍କ ବିଳମ୍ବ ନୀତି ଯୋଗୁଁ ହିଂସା ଉପୁଜିଲା । ଯେଉଁଥିପାଇଁ ଅନେକ ଓକିଲ ଗିରଫ ହୋଇଛନ୍ତି ଓ ଅନେକଙ୍କ ଲାଇସେନ୍ସ ବାତିଲ୍ ହୋଇଛି । ଫଳରେ କୋର୍ଟ କାର୍ଯ୍ୟ ସଂପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି । ତେଣୁ ଗିରଫ ଓକିଲଙ୍କୁ ତୁରନ୍ତ ମୁକ୍ତି ସାଙ୍ଗକୁ ବିସିଆଇ ସହ କଥା ହୋଇ ଓକିଲଙ୍କ ଲାଇସେନ୍ସ ବାତିଲ ନିଷ୍ପତ୍ତି ପ୍ରତ୍ୟାହାର ଦିଗରେ ପଦକ୍ଷେପ ନେବାକୁ ସାଂସଦମାନେ ଦାବି କରିଛନ୍ତି । ସେପଟେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ବର୍ତ୍ତମାନ ସ୍ଥିତି ପାଇଁ ରାଜ୍ୟ ସରକାରଙ୍କୁ ସଂପୂର୍ଣ୍ଣ ଦାୟୀ କରିବା ସହ କେନ୍ଦ୍ର ସରକାରଙ୍କୁ ବି ଟାର୍ଗେଟ୍ କରିଛନ୍ତି । ଅପରପକ୍ଷେ ବିଜେଡି କିନ୍ତୁ କେନ୍ଦ୍ର କୋର୍ଟକୁ ବଲ୍ ଫିଙ୍ଗି ହାତ ଝାଡ଼ି ଦେଇଛି । ଏସବୁ ଭିତରେ ସମ୍ବଲପୁର କୋର୍ଟ କାର୍ଯ୍ୟ କେବେ ସ୍ୱାଭାବିକ ହେଉଛି ଏବଂ ହାଇକୋର୍ଟ ବେଞ୍ଚକୁ ନେଇ ରାଜନୈତିକ ଲଢ଼େଇ ଆଗକୁ କେଉଁ ରୂପ ନେଉଛି ଏବେ ତା ଉପରେ ନଜର ।

### ପୁଣି କୋରୋନା ଆତଙ୍କ ! ...

ଏପଟେ ଜେନମ ସିକ୍ୟୁଏନସିଂ ନେଇ କେନ୍ଦ୍ରର ଚିଠି ପାଇବା ପରେ ତତ୍ପରତା ପ୍ରକାଶ କରିଛି ରାଜ୍ୟ । ଲକ୍ଷଣ ଦେଖାଯିବା ମାତ୍ରେ ତୁରନ୍ତ ଟେଷ୍ଟିଂ ପାଇଁ ଅନୁରୋଧ କରିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ । ସେ କହିଛନ୍ତି, ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ଜେନମ୍ ସିକ୍ୟୁଏନସିଂ ଏବଂ ସର୍ଭିଲାନ୍ସ କରିବାକୁ ସୁବିଧା ଅଛି । ବର୍ତ୍ତମାନ ଯିଏ ଆକ୍ରାନ୍ତ ହେବେ ତାଙ୍କର ଜେନମ୍ ସିକ୍ୟୁଏନ୍ସିଂ କରାଯିବ । ତେବେ ରାଜ୍ୟରେ ସଂକ୍ରମଣ ନିମ୍ନ ସ୍ତରରେ ଅଛି । ତେଣୁ ଭୟ କରିବାର କୌଣସି ଆବଶ୍ୟକତା ନାହିଁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି । ସେପଟେ ଆଗକୁ ହକି ବିଶ୍ୱକପ ଭିଡ଼କୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଓ ରାଉରକେଲା ରେ ଟେଷ୍ଟିଂ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଛି । ସେପଟେ ଚୀନ୍‌ରେ ଆତଙ୍କ ଖେଳାଇଛି କୋଭଡ୍‌ର ନୂଆ ଭାରିଆଣ୍ଟ । ସଂକ୍ରମଣ ହୁ ହୁ ହୋଇ ବଢିଚାଲିଛି । ଆକ୍ରାନ୍ତଙ୍କୁ ବେଡ୍ ମିଳୁନି, ହସ୍ପିଟାଲ ହାଉସ୍‌ଫୁଲ ଶ୍ମଶାନରେ ବି ଅପେକ୍ଷାର ଅନ୍ତ ନାହିଁ । ଚୀନ୍ ସମେତ ଜାପାନ, ଆମେରିକା, ବ୍ରାଜିଲ ଏବଂ କୋରିଆରେ ମଧ୍ୟ ସଂକ୍ରମଣର ଉଚ୍ଚ ଟ୍ରେଣ୍ଡ । ଏବେ ସାରା ବିଶ୍ୱରେ ସପ୍ତାହକୁ ପ୍ରାୟ ୩୫ ଲକ୍ଷ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି । ସୂଚନା ଅନୁସାରେ, କେବଳ ଓଡ଼ିଶାରେ ନୁହେଁ ଗୁଜରାଟରେ ମଧ୍ୟ ୨ ଜଣ ଏହି ଭାଇରସ୍ ଦ୍ୱାରା ଆକ୍ରନ୍ତ ହୋଇଥିବା ଜଣାପଡ଼ିଛି । ତେଣୁ ଏବେ ଏହା ଭାରତ ପାଇଁ ଏକ ପ୍ରକାର ସତର୍କ ଘଣ୍ଟି ବୋଲି କୁହାଯାଇଛି । କୋରୋନାର ସ୍ଥିତି ଏବଂ ଏହାର ପ୍ରତିକାରକୁ ନେଇ ବୈଠକରେ ଆଲୋଚନା ହୋଇଥିବା ବେଳେ ସାମାଜିକ ଦୂରତା, ମାସ୍କ, ସାନିଟାଇଜେସନ୍ ବ୍ୟବସ୍ଥାକୁ କଡ଼ାକଡ଼ି ପାଳନ କରିବାକୁ ଗୁରୁତ୍ୱ ଦିଆଯାଇଛି । ବର୍ତ୍ତମାନ ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା କମ୍ ଥିଲେ ବି ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ଖ୍ରୀଷ୍ଟମାସ ଓ ନୂଆବର୍ଷ ଉତ୍ସବ ପାଳନ ବେଳେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ରଖିବା ଉପରେ ଗୁରୁତ୍ୱ ଦେଇଛି ସ୍ୱାସ୍ଥ୍ୟ ମନ୍ତ୍ରାଳୟ । ବିଦେଶରେ ବଢୁଥିବା ସଂକ୍ରମଣକୁ ଦେଖି ବର୍ତ୍ତମାନ ବିମାନ ବନ୍ଦରରେ ୨ ପ୍ରତିଶତ ଅନ୍ତର୍ଜାତୀୟ ଯାତ୍ରୀଙ୍କ ଟେଷ୍ଟ କରିବାକୁ କୁହାଯାଇଛି ।


### ମଶା ଆତଙ୍କରେ...

ଉପୁଜିଥିବା ଲୋକେ ଅଭିଯୋଗ କରିଛନ୍ତି । ଏପଟେ ମଶା ସମସ୍ୟାକୁ ନେଇ ଆରମ୍ଭ ହୋଇଛି ରାଜନୀତି । ମଶା ନିୟନ୍ତ୍ରଣରେ ବିଫଳତାକୁ ନେଇ ଭୁବନେଶ୍ୱର ଜିଲ୍ଲା ବିଜେପି ପକ୍ଷରୁ ବିକ୍ଷୋଭ କରାଯାଇଛି । ମଶା ମାରିବା ଧୂଆଁ ଓ ତେଲ ବାବଦକୁ ଆସୁଥିବା ଅର୍ଥ ବାଟମାରଣା ହୋଇଥିବା ଅଭିଯୋଗ କରିଛନ୍ତି ଉଭୟ ବିଜେପି ଓ କଂଗ୍ରେସ । ଗୋଟିଏ ପଟେ ହକି ବିଶ୍ୱ କପ ପାଇଁ ଦୈତନଗରୀକୁ ସଜେଇବା କାମରେ ଲାଗିଛି ବିଏମସି । ରାସ୍ତାଠୁ ନେଇ କାନ୍ଥ ବାଡ ରଙ୍ଗୀନ ହେଉଛି । ଅଳିଆ ଆବର୍ଜନା ସଫା କାମ ବି ଚାଲିଛି । ତେବେ ମଶା କମିବା ବଦଳରେ ବଢିବାରେ ଲାଗିଛନ୍ତି । ଏଭଳି ସ୍ଥିତି ଲାଗି ରହିଲେ ଆଗକୁ ମ୍ୟାଲେରିଆ ଓ ଡେଙ୍ଗୁ ସମସ୍ୟା ଉତ୍କଟ ହେବା ଆଶଙ୍କା କରାଯାଉଛି, ଯାହାର ଶିକାର ବିଦେଶୀ ଅତିଥି ବି ହୋଇପାରନ୍ତି ।

### ଓଡ଼ିଶାରେ ଅଧା...

ଏଠାରେ ଉଲ୍ଲେଖ ଯୋଗ୍ୟ ପୂର୍ବରୁ ହାଇକୋର୍ଟରେ କ୍ରାଇମବ୍ରାଞ୍ଚ ଦାଖଲ କରିଥିବା ରିପୋର୍ଟରୁ ସ୍ପଷ୍ଟ ହୋଇଥିଲା ଯେ ଏମବିବିଏସ ଡିଗ୍ରି ନଥିବା ବ୍ୟକ୍ତି ଡାକ୍ତର ଭାବେ ନିଯୁକ୍ତି ପାଇଥିଲେ । ଏହା ଏକ ଗୁରୁତ୍ୱପୂର୍ଣ୍ଣ ତ୍ରୁଟି ଓ ଏଥି ପାଇଁ ଏପରି ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇଥିବା ଚୟନ କମିଟି ସଦସ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ହାଇକୋର୍ଟ ୨୦୨୨, ଅଗଷ୍ଟ ୨୫ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ୨୦୨୩, ଜାନୁଆରି ୧୨ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି ।











ଲୋକ ସଂସ୍କୃତିର ଗନ୍ତାଘର ହେଉଛି ବରଗଡ଼ । ବରଗଡ଼ର ବିଶେଷ ପରିଚୟ ହେଉଛି ବିଶ୍ୱ ପ୍ରସିଦ୍ଧ 'ଧନୁଯାତ୍ରା' । ଧନୁଯାତ୍ରା ଓଡ଼ିଶାର ବରଗଡ଼ରେ ଏକ ବାର୍ଷିକ ନାଟକ–ଭିତ୍ତିକ ଖୋଲା ରଙ୍ଗମଞ୍ଚ ଯାତ୍ରା । ବରଗଡ଼ ପୌରାଞ୍ଚଳର ୭ କିମି ପରିଧି ମଧ୍ୟରେ ଆୟୋଜିତ ଏହି ଯାତ୍ରା ପୃଥିବୀର ବିଶାଳତମ ଖୋଲା ରଙ୍ଗମଞ୍ଚ ଭାବେ ଜଣା । ପୌରାଣିକ କଥାବସ୍ତୁ ହରିବଂଶର ମଥୁରା ବିଜୟକୁ ନାଟ୍ୟ ରୂପାନ୍ତର ଆକାରରେ ମଞ୍ଚସ୍ଥ କରାଯାଇଥାଏ ଧନୁଯାତ୍ରାରେ । ଏହା କେବଳ ଏକ ନାଟ୍ୟ ପରମ୍ପରା ନୁହେଁ, କଂସବଧ ପରି ପୌରାଣିକ ବିଷୟବସ୍ତୁ ମାଧ୍ୟମରେ ସତ୍ୟ ଯେ ଚିରନ୍ତର ତାହା ପ୍ରତିପାଦିତ କରିବାର ଅଭିନବ ପ୍ରୟାସ । ପୁଣି, ତାର ଅନ୍ତରାଳରେ ରହିଛି ସ୍ୱାଧୀନତା ପ୍ରାପ୍ତିର ପରମ ଉପଲବ୍ଧିକୁ ଚିରସ୍ମରଣୀୟ କରି ରଖିବାର ନିରନ୍ତର ଉଦ୍ୟମ । ୧୯୪୭ରେ ସ୍ୱାଧୀନତା ପ୍ରାପ୍ତିର ମହାର୍ଘ ଉପଲବ୍ଧିକୁ ନେଇ ସମଗ୍ର ଦେଶ ଯେତେବେଳେ ଉତ୍ସବମୁଖର ହୋଇଉଠିଥିଲା, ଠିକ୍ ସେତିକିବେଳେ ବରଗଡ଼ ପରି ଏକ ଅଖ୍ୟାତ ପଲ୍ଲୀ ସହରର ସାଧାରଣ ଜନତା ସ୍ୱପ୍ନ ଦେଖିଥିଲେ ଏମିତି ଏକ ନିରନ୍ତର ଉତ୍ସବର । ସେହି ସ୍ୱପ୍ନର ପରିଣତି ଆଜି ବିଶ୍ୱବିଖ୍ୟାତ ଧନୁଯାତ୍ରା ।

# ବିଶ୍ୱର ବୃହତ୍ତମ ଗଣନାଟକ

# ବରଗଡ଼ ଧନୁଯାତ୍ରା



### ➤➤ ଦେଶ ସ୍ୱାଧୀନତା ସହ ଧନୁଯାତ୍ରାର ସମ୍ପର୍କ

ଭାରତର ସ୍ୱାଧୀନତା ପ୍ରାପ୍ତି ସହିତ ବରଗଡ଼ ଧନୁଯାତ୍ରାର ରହିଛି ନିବିଡ଼ ସମ୍ପର୍କ । ସ୍ୱାଧୀନତା ପ୍ରାପ୍ତିର ଆନନ୍ଦକୁ ଉତ୍ସବରେ ପରିଣତ କରିବାର ଚିନ୍ତାଧାରାରୁ ହିଁ ଧନୁଯାତ୍ରାର ଆରମ୍ଭ ହୋଇଛି । ୧୯୪୭ ମସିହାରେ ଏହି ଚିନ୍ତାଧାରା ପରିପ୍ରକାଶ ହୋଇଥିଲା ନାଟକ ମାଧ୍ୟମରେ, ଯାହାକି ଧନୁଯାତ୍ରା ନାଁରେ ପରିଣତ ହୋଇଯାଇଛି ଏକ ବିରଳ ନାଟ୍ୟଧାରା । ୧୯୪୭ ମସିହାରୁ ବରଗଡ଼ ସହରରେ ଧନୁଯାତ୍ରା ପାଳିତ ହୋଇ ଆସୁଛି । ୧୯୪୭ ମସିହାରେ ଇଂରେଜମାନଙ୍କୁ ହଟାଇ ଭାରତୀୟମାନେ ସ୍ୱାଧୀନତା ହାସଲ କରିଥିଲେ । ବରଗଡ଼ ସହରର କିଛି ହେମାଲି (କୁଲି କାମ କରୁଥିବା ଲୋକେ) ଏହି ବିଜୟ ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରିବା ପାଇଁ ଧନୁଯାତ୍ରାର ଆରମ୍ଭ କରିଥିଲେ ।

### ➤➤ ଧନୁଯାତ୍ରାର ନାମକରଣ

ପୌରାଣିକ ସାହିତ୍ୟ 'ମଥୁରାମଙ୍ଗଳ'ର ନାଟ୍ୟରୂପ ହେଉଛି 'ଧନୁଯାତ୍ରା' । ଏହି ନାମକରଣ କରାଯିବାର କାରଣ ରହିଛି । ଧନୁକୁ ନେଇ ନାଟକ, ଅଥଚ ଧନୁନାଟକ ନ ହୋଇ 'ଧନୁଯାତ୍ରା'ର ନାମକରଣ କରାଯିବାର କାରଣ ରହିଛ ।

ଓଡ଼ିଶାରେ ଯାତ୍ରା କହିଲେ ଲୋକେ ଦୁଇଟା କଥାକୁ ବୁଝିଥାନ୍ତି । ଗୋଟିଏ ହେଉଛି ଅପେରା ବା ଯାତ୍ରା ନାଟକ । ଅନ୍ୟଟି କୌଣସି ଧର୍ମୀୟ ଉତ୍ସବରେ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଲୋକଙ୍କ ଯିବା ଆସିବା ହେଉଛି ଯାତ୍ରା । ବରଗଡ଼ ଧନୁଯାତ୍ରା ହେଉଛି ଏ ଦୁଇଟିର ଏକ ସମନ୍ୱିତ ରୂପ । ପୁଣି ଯେକୌଣସି ଧର୍ମୀୟ ଉତ୍ସବରେ ଦେବାଦେବୀଙ୍କ ମୂର୍ତ୍ତି, ପ୍ରତୀକ କିମ୍ବା ବରୁଆଙ୍କୁ ନେଇ ଯାତ୍ରା କରୁଥାନ୍ତି । ଅଥଚ ବରଗଡ଼ ଧନୁଯାତ୍ରାରେ କଳାକାରମାନେ ହିଁ ବିଭିନ୍ନ ଦେବାଦେବୀ ଓ ଅନ୍ୟାନ୍ୟ ପୌରାଣିକ ଚରିତ୍ରରେ ଅଭିନୟ କରିଥାନ୍ତି । ଦର୍ଶକମାନେ ଧନୁଯାତ୍ରାର ଗୋଟିଏ ରଙ୍ଗମଞ୍ଚରୁ ଅନ୍ୟ ଏକ ରଙ୍ଗମଞ୍ଚକୁ ଯାଆସ କରି ଭିନ୍ନ ଭିନ୍ନ ଦୃଶ୍ୟ ଦେଖିଥାନ୍ତି । ଏଇ ଦୃଷ୍ଟିକୋଣରୁ ବରଗଡ଼ ଧନୁଯାତ୍ରାକୁ ଏକ 'ଚଳମାନ ଗଣନାଟକ' ବୋଲି କୁହାଯାଇପାରେ ।

### ➤➤ ହରିବଂଶ ପୁରାଣରୁ ଆସିଛି ବିଷୟବସ୍ତୁ

ହରିବଂଶ ପୁରାଣରୁ 'ଧନୁଯାତ୍ରା'ର ବିଷୟବସ୍ତୁ ଆସିଛି । ମଥୁରାର ଅତ୍ୟାଚାରୀ ରାଜା କଂସ ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା ନିଧନ ପ୍ରସଙ୍ଗକୁ ଇଂରେଜ ସରକାରର ପତନ ଭାବେ ନାଟ୍ୟ ଉପସ୍ଥାପନା ହିଁ ହେଉଛି 'ଧନୁଯାତ୍ରା' । ବରଗଡ଼ ସହରକୁ ଲାଗି ଅମ୍ବାପାଲି ଗାଁ । ମଝିରେ ବହିଯାଉଛି ଜୀରାନଦୀ । ଏହି ଭୌଗୋଳିକ ପରିସ୍ଥିତି ହିଁ ସୁହାଇଥିଲା ବରଗଡ଼ବାସୀଙ୍କୁ ଧନୁଯାତ୍ରାର ପରିକଳ୍ପନା ପାଇଁ । ଏହି ଆଧାରରେ ପ୍ରତିବର୍ଷ ଧନୁଯାତ୍ରାରେ ବରଗଡ଼ ସହର ପୁରାଣର 'ମଥୁରା ନଗରୀ' ପାଲଟୁଥିବା ବେଳେ ଅମ୍ବାପାଲି ଗାଁ 'ଗୋପପୁର' ଏବଂ 'ଜୀରା' ନଦୀ 'ଯମୁନା' ପାଲଟି ଯାଇଥାଏ ।

### ➤➤ କୃଷି ସହ ରହିଛି ଅନନ୍ୟ ସମ୍ପର୍କ

ପୌଷ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରୁ ପୌଷ ପୂର୍ଣ୍ଣିମା ପର୍ଯ୍ୟନ୍ତ ୧୧ ଦିନ ଧରି ଗୋପ ଓ ମଥୁରାଲୀଳାର ବିଭିନ୍ନ ଦୃଶ୍ୟମାନ ପରିବେଷିତ ହୋଇ ପୁଷ୍ ପୁନେଇ (ପୌଷ ପୂର୍ଣ୍ଣିମା) ଦିନ କଂସବଧ ସହ ଏହା ଉଦ୍‌ଯାପିତ ହୋଇଥାଏ । ଏହି ସମୟରେ ଧାନ ଅମଳ ସରିଯାଇଥାଏ । କୃଷିଜୀବୀ ଓ ଶ୍ରମିକମାନେ ଅବସରରେ ଥାଆନ୍ତି । ପୁଣି ପଶ୍ଚିମ–ଓଡ଼ିଶାର ମହାନ କୃଷିଭିତ୍ତିକ ଲୋକପର୍ବ 'ପୁଷ୍ପୁନି' ଏ ସମୟରେ ଅନୁଷ୍ଠିତ ହୋଇଥାଏ । ଏସବୁକୁ ଦୃଷ୍ଟିରେ ରଖି ଧନୁଯାତ୍ରା ପାଇଁ କାର୍ଯ୍ୟସୂଚୀ ସ୍ଥିର କରିଥିଲେ ବୋଲି କୁହାଯାଇଥାଏ ।

### ➤➤ ପ୍ରାକ୍‌ଶୈଳୀ ଥିଲା 'ସଂଚାର' ନୃତ୍ୟ

ଯଦିଓ ଧନୁଯାତ୍ରା ଏବେ ଏକ ବିରାଟ ନାଟ୍ୟ ପ୍ରଦର୍ଶନରେ ପରିଣତ ହୋଇଛି, ତା'ର ପ୍ରାକ୍‌ଶୈଳୀ ଥିଲା 'ସଂଚାର' ନୃତ୍ୟ । ସମୟକ୍ରମେ ଏହା ବିଶାଳ ରୂପରେ ଖୋଲାମଞ୍ଚରେ ନାଟ୍ୟରୂପ ଗ୍ରହଣ କରିଛି । ଯଦିଓ ଧନୁଯାତ୍ରା ଲୋକ ଆଧାରିତ ନାଟକ, ତଥାପି ଏହାର ନାଟ୍ୟଧାରା ଗୋଟିଏ ନିର୍ଦ୍ଦିଷ୍ଟ ମଞ୍ଚରେ ଅଭିନୀତ ହୋଇନଥାଏ । ବିଭିନ୍ନ ଦୃଶ୍ୟ ୫ କିଲୋମିଟର ବ୍ୟାସାର୍ଦ୍ଧ ପରିମିତ ଅଞ୍ଚଳରେ ଭିନ୍ନ ଭିନ୍ନ ମଞ୍ଚରେ ପ୍ରଦର୍ଶିତ ହୋଇଥାଏ । ବରଗଡ଼ ଓ ଅମ୍ବାପାଲି ଅଞ୍ଚଳର ମନ୍ଦିର, କୋଠାବାଡ଼ି, କାର୍ଯ୍ୟାଳୟ, ପୁଷ୍କରିଣୀ, ଜଙ୍ଗଲ ଏମିତି ଅନେକ ସ୍ଥାନ ଧନୁଯାତ୍ରା ମହାନାଟକରେ ପୌରାଣିକ ସ୍ଥାନର ମାନ୍ୟତା ପାଇଥାନ୍ତି ।

### ➤➤ ଧନୁଯାତ୍ରାର ମହାନାୟକ କଂସ ମହାରାଜା

ବରଗଡ଼ ଧନୁଯାତ୍ରାରେ କୃଷ୍ଣ, ବଳରାମ ନୁହେଁ ବରଂ କଂସ ହିଁ ମୁଖ୍ୟ ଆକର୍ଷଣ । କଂସ ଭୂମିକାରେ ଅଭିନୟ କରୁଥିବା କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥାଏ । ଏମାନେ ନାଟକରେ ଖଳନାୟକ ହୋଇଥିଲେ ବି ଦର୍ଶକଙ୍କ ହୃଦୟରେ ପାଲଟି ଯାଆନ୍ତି ନାୟକ । ସେହିପରି ବରଗଡ଼ ଧନୁଯାତ୍ରାରେ ମଥୁରା ନରେଶ କଂସ ମଧ୍ୟ ମହାନାୟକ ପାଲଟି ଯାଆନ୍ତି । ୧୧ ଦିନ ବ୍ୟାପୀ ବରଗଡ଼ରେ କଂସ ରାଜ ଚାଲିଥାଏ । ବରଗଡ଼ ଅଞ୍ଚଳବାସୀ ଗଣତାନ୍ତ୍ରିକ ପଦ୍ଧତିରୁ ଆପେ ଆପେ ବାହାରି ଆସି ରାଜତନ୍ତ୍ରରେ ସାମିଲ ହୋଇଯାଆନ୍ତି । ମୁଣ୍ଡ ନୁଆଁଇ ଦିଅନ୍ତି କଂସଙ୍କ ଆଦେଶ ସାମ୍ନାରେ । ସବୁଠାରୁ କୌତୁହଳର ବିଷୟ ଯେ ଧନୁଯାତ୍ରା ବାହାରେ ବି 'କଂସ' ଚରିତ୍ରର ଅଭିନେତା ଲୋକଙ୍କଠାରୁ 'କଂସ ମହାରାଜ' ଭାବେ ସମ୍ମାନ ପାଇଥାନ୍ତି ।

### ➤➤ ଅମ୍ବାପାଲି ହୋଇଯାଏ କୃଷ୍ଣମୟ

ଅପରପକ୍ଷରେ ଅମ୍ବାପାଲି ଧନୁଯାତ୍ରା ଅବସରରେ ପାଲଟିଯାଏ କୃଷ୍ଣଚେତନାର ଏକ ପ୍ଲାଟଫର୍ମ । ସମଗ୍ର ଅମ୍ବାପାଲିବାସୀ, ଗୋପପୁରର ପ୍ରଜା ଭାବେ ସମର୍ପି ଦିଅନ୍ତି ନିଜକୁ ଶ୍ରୀକୃଷ୍ଣଙ୍କଠାରେ । ଏକ ଆଧୁନିକ ପଲ୍ଲୀର ମାଟିରୁ ଆକାଶ ଯାଏ ହୋଇଉଠେ କୃଷ୍ଣମୟ ।

### ➤➤ ଶହ ଶହ କଳାକାରଙ୍କ ସମାଗମ

ଧନୁଯାତ୍ରାରେ ଶହ ଶହ କଳାକାରଙ୍କର ସମାଗମ ହୋଇଥାଏ । କୌଣସି ପାଣ୍ଡୁଲିପି ନଥାଏ । ନଥାନ୍ତି ନିର୍ଦ୍ଦେଶକ । କଳାକାରମାନେ ଉପସ୍ଥିତ ବୁଦ୍ଧି ଖଟାଇ ସଂଳାପ ଉଚ୍ଚାରଣ ସହିତ ଅଭିନୟ କରିଥାନ୍ତି । ଅବଶ୍ୟ ସମୟକ୍ରମେ ଦର୍ଶକମାନଙ୍କର ରୁଚିକୁ ସମ୍ମାନ ଦେଇ କିଛି କିଛି ପରିବର୍ତ୍ତନ ପରିଲକ୍ଷିତ ହେଉଛି ଧନୁଯାତ୍ରାରେ । ନିଜସ୍ୱ କଳା ପ୍ରଦର୍ଶନ ପାଇଁ ସବୁବର୍ଗର କଳାକାରଙ୍କୁ ସୁଯୋଗ ଦେଇ, ଧନୁଯାତ୍ରା ଏକ ସାଂସ୍କୃତିକ ଆନ୍ଦୋଳନ ସୃଷ୍ଟି କରିଆସୁଅଛି ।

### ➤➤ ଧନୁଯାତ୍ରାର ଆକର୍ଷଣ 'ହାତୀ'

ଧନୁଯାତ୍ରାର ଅନ୍ୟ ଏକ ଆକର୍ଷଣ ହେଉଛି 'ହାତୀ' । ହାତୀର ଅନୁପସ୍ଥିତିରେ ଧନୁଯାତ୍ରାର କଳ୍ପନା ଯେମିତି ଅବାନ୍ତର । ପୁଣି ହାତୀ ସହିତ ଧନୁଯାତ୍ରାରେ ସାମିଲ ହୋଇଥାନ୍ତି ଓଟ ଓ ଘୋଡ଼ା ।

Printed by Kishor Chandra Padhi and Published by Siba Prasad Sasamala, Printed at Anupam printers,Shed No. D-2/14, Industrial Estate, Mancheswar, Bhubaneswar, Published from Gurudwara Chowk, Bargarh-768028 (Odisha), Ph.0674-2911731, Email-aadharodisha8@gmail.com

Editor: Dr. Jyotirmaya Patnaik
ସମ୍ପାଦକ– ଡ. ଜ୍ୟୋତିର୍ମୟ ପଟ୍ଟନାୟକ